### ଗିରଫ ସାଇବର ଠକଙ୍କ ଦୁବାଇ ଲିଙ୍କ୍

# ଦିଲ୍ଲୀରେ ମାଷ୍ଟରମାଇଣ୍ଡ; ଭୁବନେଶ୍ୱରରେ ନେଟ୍‌ୱର୍କ

ଭୁବନେଶ୍ୱର, ୧୩।୧୨(ସମିସ): ଚାଇନିଜ୍ ଗେମିଙ୍ଗ ଆପ୍ ମାଧ୍ୟମରେ ଠକେଇ କରୁଥିବା ୪ଜଣ ସାଇବର ଠକଙ୍କ ବିଦେଶ ଲିଙ୍କ୍ ପଦାକୁ ଆସିଛି। ସେମାନଙ୍କୁ ପୁଲିସ ପଚରାଉଚରା କରିବା ପରେ ଏହି ର୍‌ୟାକେଟ୍ ସାରା ଦେଶକୁ ଲମ୍ବିଥିବା ସ୍ପଷ୍ଟ ହୋଇଛି। ଏହି ସାଇବର ଠକେଇର ମାଷ୍ଟରମାଇଣ୍ଡ ଦୁବାଇରେ ରହି ପୂରା ନେଟ୍‌ୱର୍କକୁ ଚଲାଉଥିଲା। ହେଲେ ତା'ର ନିର୍ଦ୍ଦେଶରେ ଦିଲ୍ଲୀର ଜଣେ ଯୁବକ ସାରା ଭାରତରେ ଠକେଇ ନେଟ୍‌ୱର୍କ ବୁଝୁଥିଲା। ଦୁବାଇରେ ବସିଥିବା ମାଷ୍ଟରମାଇଣ୍ଡ ଗେମିଙ୍ଗ ଆପ୍ ପାଇଁ ନୂଆ ସଫ୍ଟୱେୟାର ପ୍ରସ୍ତୁତ କରି ଭାରତରେ ଥିବା ର୍‌ୟାକେଟ୍‌ର ମୁଖ୍ୟଙ୍କୁ ପଠାଉଥିଲା। ଏହାପରେ ତା ଅଧୀନରେ ଥିବା ଏକାଧିକ ଯୁବକଙ୍କୁ ଏହି ଗେମିଙ୍ଗ ଆପ୍ ପଠାଉଥିଲା। ଯାହା ମାଧ୍ୟମରେ ଏହି ଗେମ୍ ଖୋଲି ଅନେକ ଯୁବକ ଯୁବତୀ ସର୍ବସ୍ୱ ହରାଉଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ଗିରଫ ୪ ଅଭିଯୁକ୍ତ ଦିଲ୍ଲୀର ବୈଭବ ଖାନା, ଦିଲ୍ଲୀର କମଲଜିତ ସିଂ, ଗୁରୁଗ୍ରାମର ତେଜେସ୍ କୁମାର ମହେନ୍ଦ୍ର ଭାଇ ପଟେଲ ଏବଂ ତେଲେଙ୍ଗାନାର ଜି. ମହିପାଲ। ସେମାନଙ୍କ ନିକଟରୁ ୨୦ଟି ସ୍ମାର୍ଟ ଫୋନ, ୨ଟି କମ୍ପ୍ୟୁଟର, ଗୋଟିଏ ଲାପ୍‌ଟପ୍, ସିସିଟିଭି ସିଷ୍ଟମ, ୱାଇଫାଇ ମେସିନ୍, ୪ଟି ପାସ୍‌ପୋର୍ଟ ଏବଂ ୧୮ ହଜାର ୭ଶହ ଟଙ୍କା ଜବତ କରାଯାଇଛି। ଠକେଇ ଟଙ୍କା ଯାଇଥିବା ଏକ ଆକାଉଣ୍ଟକୁ ପୁଲିସ ଫ୍ରିଜ୍ କରିଛି। ଯେଉଁଥିରେ ୬ଲକ୍ଷ ୯୪ହଜାର ୫୧୨ଟଙ୍କା ରହିଛି। ଗିରଫ ଜି. ମହିପାଲ ବି ଟେକ୍ ପଢ଼ିଥିବାବେଳେ, ବୈଭବ ଖାନା ଏକାଦଶ, କମଲଜିତ ଅଷ୍ଟମ ଏବଂ ତେଜେସ୍ କୁମାର ଭାଇ ପଟେଲ ଦଶମ ପାସ୍ କରିଛନ୍ତି। ୩ଜଣଙ୍କ ଶିକ୍ଷାଗତ ଯୋଗ୍ୟତା କମ୍ ଥିବାବେଳେ ଜି ମହିପାଲଙ୍କ ଶିକ୍ଷାଗତ ଯୋଗ୍ୟତା ଅଧିକ ଥିବାରୁ ତା' ନିର୍ଦ୍ଦେଶରେ କାମ ହେଉଥିଲା। ଏହି ରାକେଟ୍‌ର ମାଷ୍ଟରମାଇଣ୍ଡ ସମ୍ପର୍କରେ ତଥ୍ୟ ଜାଣିବା ପାଇଁ ପୁଲିସ ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ। ଏଥିଲାଗି ଖୁବ୍ ଶୀଘ୍ର କୋର୍ଟରେ ଆବେଦନ କରାଯିବ ବୋଲି ଜଣାପଡ଼ିଛି। ଏହି ଠକଙ୍କ ସମ୍ପର୍କରେ ସବୁ କିଛି ତଥ୍ୟ ଜାଣିବା ପାଇଁ ସାଇବର ଏକ୍ସପର୍ଟଙ୍କ ସହାୟତା ନିଆଯିବ ବୋଲି ଡିସିପି ପିନାକ୍ ମିଶ୍ର କହିଛନ୍ତି।

**ରାଜ୍ୟ ବାହାରକୁ ଯିବ କମିସନରେଟ୍ ପୁଲିସ**

**ସାଇବର ଏକ୍ସପର୍ଟଙ୍କ ସହାୟତା ନିଆଯାଇଛି: ଡିସିପି**



#### ୩ ସ୍ତରରେ ରହିଥିଲା ଗ୍ୟାଙ୍ଗ୍

ଏହି ସାଇବର ଠକେଇ ଗ୍ୟାଙ୍ଗ୍ ୩ସ୍ତରରେ ରହିଥିଲେ। ଦୁବାଇରେ ଥିବା ମାଷ୍ଟରମାଇଣ୍ଡ ପ୍ରଥମ ସ୍ତରରେ ଥିବା ବେଳେ ଦିଲ୍ଲୀରେ ଥିବା ଭାରତ ମୁଖ୍ୟ ଏବଂ ଗିରଫ ୪ଅଭିଯୁକ୍ତ ଦ୍ୱିତୀୟ ସ୍ତରରେ ରହିଥିଲେ। ଶେଷରେ ବିଭିନ୍ନ ପ୍ରକାର ଏଜେଣ୍ଟ ରହିଥିଲେ। ଯେଉଁମାନେ ସୋସିଆଲ ମିଡିଆ, ଟେଲିଗ୍ରାମ୍ ଏବଂ ହ୍ୱାଟ୍ସଆପ୍ ଗ୍ରୁପ୍ କରି ଏକାଧିକ ପିଲାଙ୍କୁ ଯୋଡୁଥିଲେ। ସେମାନଙ୍କୁ ଗେମ୍ ଖୋଲି ଅଧିକ ଟଙ୍କା ରୋଜଗାର କରିବାର ପ୍ରଲୋଭନ ଦେଖାଇ ଗେମ୍ ଖେଳାଉଥିଲେ।

#### ଗିରଫ ୪ ଠକ ଥିଲେ ହାଉସ୍ ଆରେଷ୍ଟ

ସାଧାରଣଙ୍କ ସାଇବର ଠକ ଲୋକଙ୍କୁ ହାଉସ୍ ଆରେଷ୍ଟ କରି ଠକୁଥିବା ପୂର୍ବରୁ ଦେଖିବାକୁ ମିଳିଥିଲା। କିନ୍ତୁ ଗିରଫ ୪ଜଣ ଠକ ଏକ ପ୍ରକାର ହାଉସ୍ ଆରେଷ୍ଟ ହୋଇ ରହିଥିଲେ। କାରଣ ସେମାନେ ରହୁଥିବା ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟ ରୁମ୍ ଆଗ ଏବଂ ଚାରିପଟେ ଏକାଧିକ ସିସିଟିଭି ଲଗାଇଥିଲେ। ଏହି ସିସିଟିଭି ୱାଇଫାଇରେ କନେକ୍ସନ ହୋଇଥିଲା। ଏଠାରେ ଥିବା ୪ଜଣ ଯାହା କିଛି କରୁଥିଲେ ସେମାନଙ୍କ ଗତିବିଧି ଦିଲ୍ଲୀ ଏବଂ ଦୁବାଇରେ ଥିବା ମାଷ୍ଟରମାଇଣ୍ଡ ଦେଖୁଥିଲେ। ସେମାନଙ୍କୁ ବାହାରକୁ ଯିବାକୁ ଦିଆଯାଉନଥିଲା। ଖାଇବା ଠାରୁ ଆରମ୍ଭ କରି ମଦ ପର୍ଯ୍ୟନ୍ତ ସବୁ କିଛି ଅନ୍‌ଲାଇନ୍‌ରୁ ମଗାଯାଉଥିଲା। ଏପରିକି ପୁଲିସ ଚଢ଼ଉ କରିବାକୁ ଯିବା ସମୟରେ ମଧ୍ୟ ଦିଲ୍ଲୀରୁ ୪ଜଣଙ୍କ ନିକଟକୁ ଫୋନ୍ ଆସିଥିଲା। ସେମାନଙ୍କୁ ସେଠାରୁ ଫେରାର ହେବାକୁ କୁହାଯାଇଥିଲା। କିନ୍ତୁ ସେମାନେ ସେଥିରେ ସଫଳ ହୋଇପାରିନଥିଲେ।

#### ଇ-ୱାଲେଟ୍ ମାଧ୍ୟମରେ ଦୁବାଇ ଯାଉଥିଲା ଟଙ୍କା

ଏକାଧିକ ପିଲାଙ୍କୁ ଗେମ୍ ଖେଳିବାକୁ ହେଲେ ଇ-ୱାଲେଟ୍ ମାଧ୍ୟମରେ ରିଚାର୍ଜ କରିବାକୁ ପଡୁଥିଲା। ଏକାଧିକ ପିଲା ରିଚାର୍ଜ କରି ଖେଳିବା ପରେ ବାରମ୍ବାର ହାରୁଥିଲେ। ଏଥିରେ ଜିତିବାର ପ୍ରଶ୍ନ ଉଠୁନଥିଲା। ଅସଲି ଆପ୍‌ର ନକଲି କରି ଏକାଧିକ ଲୋକଙ୍କୁ ଲିଙ୍କ୍ ପଠାଉଥିଲେ। ସେମାନେ ଏହାକୁ ଅସଲି ଭାବି ଖେଳିବା ପରେ ହାରୁଥିଲେ। ଏକାଧିକ ଟଙ୍କା ନେବାପରେ ଠକ ଖେଳୁଥିବା ଯୁବକଙ୍କ ଆକାଉଣ୍ଟକୁ ବ୍ଲକ କରି ଦେଉଥିଲେ। ଇ-ୱାଲେଟ୍ ମାଧ୍ୟମରେ ଯାଉଥିବା ଟଙ୍କା ଦୁବାଇରେ ଥିବା ଆକାଉଣ୍ଟକୁ ଯାଉଥିଲା। ଏହିଭଳି ଦେଶର ଏକାଧିକ ଯୁବକଙ୍କୁ ସେମାନେ ଠକିଛନ୍ତି।

#### କେମିତି ଧରା ପଡ଼ିଲେ...

୬ମାସ ହେବ ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟର ଭଡ଼ା ଘରେ ଚାଲିଥିଲା ଗେମିଙ୍ଗ ଆପ୍ କଲ୍ ସେଣ୍ଟର। ଏହି ଯୁବକଙ୍କ ମାନେ ୬ ମାସ ହେବ ଘରୁ ବାହାରୁନଥିଲେ। ଘର ଭିତରେ ସବୁବେଳେ ରହୁଥିଲେ। ସବୁ କିଛି ଅନ୍‌ଲାଇନ୍‌ରୁ ଅର୍ଡର କରୁଥିଲେ। ସେମାନଙ୍କ ଗତିବିଧି ଉପରେ ଆପାର୍ଟମେଣ୍ଟରେ ରହୁଥିବା ଲୋକଙ୍କର ସନ୍ଦେହ ହୋଇଥିଲା। ଚୋରି ପାଇଁ ପୁଲିସ ଆପାର୍ଟମେଣ୍ଟ ଉପରେ ଫୋକସ ଦେଉଥିବା ବେଳେ ଏହି ଖବର ପାଇ ଯାଞ୍ଚ କରିବା ପରେ ସାଇବର ଠକ ରହୁଥିବା ଜଣାପଡ଼ିବା ପରେ ଚଢ଼ଉ କରାଯାଇଥିଲା।

## ପ୍ରେମିକାର ଅଶ୍ଳୀଳ ଭିଡିଓ ଭାଇରାଲ୍; ପ୍ରେମିକ ଗିରଫ

ଭୁବନେଶ୍ୱର, ୧୩।୧୨ (ସମିସ): ପ୍ରେମିକାର ଅଶ୍ଳୀଳ ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବିକି ବାରିକ। ପୁଲିସ ସୂଚନା ଅନୁସାରେ, ଯୁବତୀ ଓ ବିକି ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ବିକି ଯୁବତୀଙ୍କ ସହ ଭିଡିଓ କଲ୍ କରି କଥା ହେଉଥିବା ସମୟରେ ଦୁର୍ବଳ ମୁହୂର୍ତ୍ତର ଭିଡିଓକୁ ସ୍କ୍ରିନ ରେକର୍ଡ କରି ନେଇଥିଲା। ପରବର୍ତ୍ତୀ ସମୟରେ ସେହି ଅଶ୍ଳୀଳ ଭିଡିଓ ଗୁଡ଼ିକୁ ସୋସିଆଲ ମିଡିଆରେ ଭାଇରାଲ କରି ଯୁବତୀଙ୍କୁ ବ୍ଲାକମେଲ୍ କରିଥିଲା। ଏନେଇ ଯୁବତୀ ଜଣକ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିବା ସହିତ ବିକିକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ଚୋରି ଅଭିଯୋଗରେ ଦୁଇ ଗିରଫ

ଭୁବନେଶ୍ୱର, ୧୩।୧୨ (ସମିସ): ମୋବାଇଲ ଚୋରି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଝାଡ଼ଖଣ୍ଡ ତିନପାହାଡ଼ର ରାଜେଶ ଶ୍ୟାମ ମୋଦୀ (୨୭) ଓ ନୂଆପଲ୍ଲୀ ବାଲିତୋଟା ସାହିର ଭୁବନ ମହାନ୍ତି (୨୭)। ପୁଲିସ ସୂଚନା ଅନୁସାରେ, ଗତକାଲି ସକାଳ ପ୍ରାୟ ୧୦ଟା ସମୟରେ ଜୀବନାଥ ପ୍ରଧାନ ଓ ତାଙ୍କ ବନ୍ଧୁ ଜୟଦେବ ବିହାର ବସଷ୍ଟାଣ୍ଡ ନିକଟରେ ବସକୁ ଅପେକ୍ଷା କରିଥିଲେ। ସେହି ସମୟରେ ରାଜେଶ ତାଙ୍କ ମୋବାଇଲ ଚୋରି କରି ନେଇଯାଇଥିଲା। ଏନେଇ ସେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଭୁବନ ଗତକାଲି ଏକାମ୍ର କାନନ ନିକଟରେ ଥିବା ମୁନେଶ ଜେନାଙ୍କ ଘରେ ପଶି ମୋବାଇଲ ଫୋନ ଚୋରି କରି ନେଇଥିଲା। ଏନେଇ ଶ୍ରୀ ଜେନା ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଉପୋରକ୍ତ ଦୁଇଟି ଅଭିଯୋଗ ଆଧାରରେ ନୂଆପଲ୍ଲୀ ଥାନା ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରିଥିଲା। ରାଜେଶ ଓ ଭୁବନକୁ ଗଗନ କରିବା ସହିତ ସେମାନଙ୍କ ଠାରୁ ୨ଟି ଯାକ ମୋବାଇଲ ଫୋନ ଜବତ କରିଥିଲା।

# ତ୍ରିକୋଣୀୟ ପ୍ରେମରୁ ତୁମୁଳକାଣ୍ଡ

ଭୁବନେଶ୍ୱର, ୧୩।୧୨(ସମିସ): ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ରାଜଧାନୀ ରାଜରାସ୍ତାରେ ହଙ୍ଗାମା ଦେଖିବାକୁ ମିଳିଛି। ମାମଲା ଆପୋଷ ସମାଧାନ ହେବା ବଦଳରେ ଉଭୟ ଗୋଷ୍ଠୀ ପକ୍ଷରୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରେମିକା ଜଣଙ୍କ ପୂର୍ବତନ ପ୍ରେମିକ ଗୌରବ ସେଠୀ ନାମରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଗୌରବ ବ୍ଲାକ୍‌ମେଲିଂ କରିବା ସହ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ପୁଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରି ଗୌରବକୁ ଅଟକ ରଖି ପଚରାଉଚରା କରୁଛି। ସେହିପରି ଗୌତମ ମଧ୍ୟ ପ୍ରେମିକା, ନୂଆ ପ୍ରେମିକ ଏବଂ ଭିଣୋଇ ନାମରେ ବଡ଼ଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମଧ୍ୟ ତାଙ୍କ ଅଭିଯୋଗକୁ ଗ୍ରହଣ କରି ତଦନ୍ତ କରୁଛି।

ସୂଚନା ଅନୁସାରେ, ଗୌରବ ଏବଂ ପ୍ରେମିକା ଏକ ଘରୋଇ ମେଡିକାଲ କଲେଜରେ ଫାର୍ମାସୀ କରୁଥିଲେ। ଉଭୟଙ୍କ ମଧ୍ୟରେ ବହୁଦିନ ହେବ ପ୍ରେମ ସମ୍ପର୍କରେ ରହିଥିଲେ। ହେଲେ ପ୍ରେମିକା ଜଣଙ୍କ ସମ୍ପର୍କରେ ଉକ୍ତ ଘରୋଇ ହସ୍ପିଟାଲର ଡାକ୍ତର ଆସିଥିଲେ। ଉଭୟ ଗୋଟିଏ ବିଭାଗରେ କାମ କରୁଥିବାରୁ ପରିଚୟ ହୋଇ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯାହାକୁ ନେଇ ପୂର୍ବତନ ପ୍ରେମିକ ଗୌରବ ଏବଂ ପ୍ରେମିକାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗୌରବ ଉକ୍ତ ଡାକ୍ତରଙ୍କ ଫୋନ୍ ନମ୍ବର ଆଣି ଗାଳିଗୁଲଜ କରିବା ସହ ବିଭିନ୍ନ ପ୍ରକାର ଧମକ ଦେଇଥିଲେ। ଏଭଳି କଥା ପ୍ରେମିକା ଜଣଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଝିଅର ଭିଣୋଇ ମାମଲା ଆପୋଷ ସମାଧାନ କରିବାକୁ ଉଦ୍ୟମ କରିଥିଲେ। ଭିଣୋଇ ଏବଂ ଡାକ୍ତର ପଥମ ପ୍ରେମିକ ଗୌରବଙ୍କୁ ସମାଧାନ ପାଇଁ ବଡ଼ଗଡ଼ ଅଞ୍ଚଳକୁ ଡାକିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କଥା କଟାଟକି ହେବା ପରେ ଗଣ୍ଡଗୋଳ ହୋଇଥିଲା। ଏହାପରେ ଉଭୟ ପୁଣି ସମାଧାନ ପାଇଁ ପାଣ୍ଡରା ଚା'ବାଲା ନିକଟ ଦୋକାନ ସମ୍ମୁଖକୁ ଆସିଥିଲେ। ସେଠାରେ ମଧ୍ୟ ସମାଧାନ ନହୋଇ ଉଭୟ ପରସ୍ପରକୁ ଆକ୍ରମଣ କରିଥିଲେ। ଏଭଳି ରାସ୍ତା ମଝିରେ ଗଣ୍ଡଗୋଳ ହେଉଥିବା ଦେଖି ସ୍ଥାନୀୟ ଲୋକ ପୁଲିସକୁ ଫୋନ୍ କରିଥିଲେ। ପୁଲିସ ପହଞ୍ଚି ସମସ୍ତଙ୍କୁ ଥାନାକୁ ଆଣି ଘଟଣା ପଚାରି ବୁଝିଥିଲା। ଯୁବତୀଙ୍କ ଅଭିଯୋଗ ଆଧାରରେ ଗୌରବକୁ ଅଟକ ରଖି ପଚରାଉଚରା କରୁଛି। ଗୌରବ ମଧ୍ୟ ଏନେଇ ବଡ଼ଗଡ଼ ଥାନାରେ ଅଭିଯୋଗ କରିଛନ୍ତି।

**ସମାଧାନ କରିବାକୁ ଡାକି ଆକ୍ରମଣ**

**ଉଭୟ ପକ୍ଷରୁ ଅଭିଯୋଗ ପରେ ପୁଲିସର ତନାଘନା**

### ୫ ମାସରେ ସରିଲା ବିଚାର

# କଟୁରି ଗ୍ୟାଙ୍ଗର ୩ ଜଣଙ୍କୁ ଦେଢ଼ବର୍ଷ ଲେଖାଏଁ ଜେଲ୍

ଭୁବନେଶ୍ୱର, ୧୩।୧୨(ସମିସ): ଏୟାରପୋର୍ଟ ଥାନା ଅଞ୍ଚଳରେ ଘଟିଥିବା ଏକ ଛିନ୍‌ତାଇ ମାମଲାର ରାୟ ମାତ୍ର ୫ ମାସରେ ପ୍ରକାଶ ପାଇଛି। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ୫ର ବିଚାରପତି ଇତିଶ୍ରୀ ମହାପାତ୍ର ଗତ ଜୁଲାଇ ମାସରେ ଘଟିଥିବା ମାମଲାର ବିଚାର କରି ଆସାମୀ କଟୁରି ଗ୍ୟାଙ୍ଗର ସଦସ୍ୟ ଗଣେଶ ପୂର୍ତ୍ତି, ଶଙ୍କର ଦାସ ଓ ଏସ୍‌କେ ନିୟାମତକୁ ଏହି ସଜା ଶୁଣାଇଛନ୍ତି। ବିଏନ୍‌ଏସ୍ ଲାଗୁ ହେବା ପରେ କମିସନରେଟ୍ ପୁଲିସର ଏହା ପ୍ରଥମ ମାମଲା, ଯାହାର ରାୟ ପ୍ରକାଶ ପାଇଛି। ପୁଲିସ ସୂଚନା ଅନୁସାରେ, ଗତ ଜୁଲାଇ ମାସ ୮ ତାରିଖ ସକାଳ ୫ଟା ସମୟରେ ପୁଷ୍ପଲତା ନାୟକ ଓ ତାଙ୍କ ନଣନ୍ଦ ପଳାସପଲ୍ଲୀସ୍ଥିତ ବିଡିଏ ପାର୍କରେ ପ୍ରାତଃ ଭ୍ରମଣ କରୁଥିଲେ। ସେହି ସମୟରେ ଶଙ୍କର, ଗଣେଶ ଓ ନିୟାମତ ବାଇକ୍ ଯୋଗେ ଆସି କଟୁରିରେ ହତ୍ୟା କରିବେ ବୋଲି ଧମକ ଦେଇ ଭୟଭୀତ କରାଇଥିଲେ। ପରେ ସେମାନଙ୍କ ଠାରୁ ସୁନା ଚେନ୍ ଛଡ଼ାଇ ନେଇଥିଲେ। ଏ ନେଇ ପୁଷ୍ପଲତା ଅଭିଯୋଗ କରିବା ପରେ ଏୟାରପୋର୍ଟ ଥାନା ପୁଲିସ କେସ ନଂ.-୧୮୯/୨୪, ଦଫା - ୩୦୯(୪)/୩(୫) ବିଏନ୍‌ଏସରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ସତ୍ୟନାରାୟଣ ବାରିକ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଚୋରି ସୁନା ଚେନ୍‌କୁ ଜବତ କରିଥିଲେ। ଏଥିସହିତ ନିର୍ଦ୍ଧାରିତ ସମୟ ପୂର୍ବରୁ ସେମାନଙ୍କ ବିରୋଧରେ ଅଦାଲତରେ ଚାର୍ଜ ସିଟ୍ ଦାଖଲ କରିଥିଲେ। ଅଦାଲତ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ଗଣେଶ ପୂର୍ତ୍ତି, ଶଙ୍କର ଦାସଙ୍କ ଓ ଏସ୍‌କେ ନିୟାମତକୁ ୧୮ ମାସର ସଜା ଓ ଏକ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୪ମାସ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ପେସାଦାର ଅପରାଧୀ ଗଣେଶ ନାମରେ ୫୦ରୁ ଊର୍ଦ୍ଧ୍ୱ ମାମଲା ଥିବାବେଳେ ଶଙ୍କର ନାମରେ ୩୦ରୁ ଅଧିକ ଓ ଏସ୍‌କେ ନିୟାମତ ନାମରେ ୨୦ରୁ ଅଧିକ ମାମଲା ରହିଛି।



**ବିଏନ୍‌ଏସ୍ ଲାଗୁ ପରେ ପ୍ରଥମ ଦଣ୍ଡାଦେଶ**

## ବାଲିଅନ୍ତା ଥାନାକୁ ନୂଆ ପିସିଆର୍ ଭ୍ୟାନ୍




ବାଲିଅନ୍ତା, ୧୩।୧୨(ସମିସ): ବାଲିଅନ୍ତା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି କମିସନରେଟ ପୁଲିସ ପକ୍ଷରୁ ଆଉ ଏକ ନୂତନ ପିସିଆର ଗାଡ଼ି ଯୋଗାଇ ଦିଆଯାଇଛି। ବିଶେଷ କରି ବାଲିଅନ୍ତା ବଜାର, ବେଣ୍ଣପୁର, ଭିଙ୍ଗାରପୁର, ପ୍ରତାପରୁଦ୍ରପୁର ଏବଂ ଜୟଦେବ ପଞ୍ଚାୟତ ଅଞ୍ଚଳର କୌଣସି ସ୍ଥାନରେ ସୃଷ୍ଟି ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି, ଗଣ୍ଡଗୋଳ, ଚୋରି, ଛିନତାଇ ଆଦି ସମସ୍ୟା ନିୟନ୍ତ୍ରଣ ନେଇ ୨୪ ଘଣ୍ଟା ପାଟ୍ରୋଲିଂ କରିବାରେ ସହଜ ହେବ। ପୂର୍ବରୁ ସ୍ଥାନ ବିଶେଷରେ ବାଳକାଟି ଫାଣ୍ଡି ପିସିଆର ଉପରେ ନିର୍ଭର କରିବାକୁ ପଡୁଥିଲା। କୌଣସି ସ୍ଥାନକୁ ପିସିଆର ଯାଇଥିଲେ ଅନ୍ୟ ସ୍ଥାନରେ ପହଞ୍ଚିବାରେ ବିଳମ୍ବ ହେଉଥିଲା।

### ଦୟାନଦୀରୁ ବାଲି ଚାଲାଣ

## ନାଲି ପତାକା ମାରିଲା ପ୍ରଶାସନ

ଧଉଳି, ୧୩।୧୨(ସମିସ): ଭୁବନେଶ୍ୱର ତହସିଲ ଅଧୀନ ଟିକରପଡ଼ା ପଞ୍ଚାୟତ କଲ୍ୟାଣପୁର ଶାସନ ନିକଟ ଦୟାନଦୀରୁ ବେଆଇନ ବାଲି ଲୁଟକୁ ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି ଲଘୁ ଖଣିଜ ବିଭାଗ। ବିଭାଗ ପକ୍ଷରୁ ଧଉଳି ଥାନା ପୁଲିସ ସହାୟତାରେ ଉକ୍ତ ସ୍ଥାନରେ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ବାଲି ମାଫିଆମାନେ ସେଠାରୁ ଟ୍ରାକ୍ଟର ନେଇ ଫେରାର ହୋଇଯାଇଥିଲେ। ପରେ ଅଧିକାରୀ ନାଲି ପତାକା ମାରିବା ସହ ଡ୍ରୋଜର ଲଗାଇ ବାଲିଘାଟ ଯିବା ରାସ୍ତାକୁ ଖୋଳିଦେଇଥିଲେ। ଚଢ଼ଉରେ ମାଇନିଂ ଅଧିକାରୀ ଜଗନ ବେହେରା, ଜୋନ-୨ ଅତିରିକ୍ତ ଆୟୁକ୍ତ(ଏସିପି) କୃଷ୍ଣଚନ୍ଦ୍ର ପଲେଇ, ଥାନା ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ସହକାରୀ ପୁଲିସ ଅଧିକାରୀ ମନ୍ମଥ ବେହେରା ପ୍ରମୁଖ ସାମିଲ ଥିଲେ। ପ୍ରକାଶଥାଉକି ଗତ କିଛି ଦିନ ହେଲା ଉପରୋକ୍ତ ସ୍ଥାନରୁ ବାଲିମାଫିଆ ମାନେ ଦିନରାତି ଶହ ଶହ ଟ୍ରାକ୍ଟର ବାଲି ଉତ୍ତୋଳନ କରୁଥିଲେ। ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ସହ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଥିଲା।

### ୭ ମାସରେ ଆସିଲା ନାବାଳିକା ଦୁଷ୍କର୍ମ ରାୟ

## ମଙ୍ଗିଙ୍କୁ କୋଡ଼ିଏ ବର୍ଷ ଜେଲ୍

ଭୁବନେଶ୍ୱର, ୧୩।୧୨ (ସମିସ): ଭୁବନେଶ୍ୱରସ୍ଥିତ ଏଡିଜେ - ୪ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ପ୍ରଦୀପ କୁମାର ବେହେରା ଖୋର୍ଦ୍ଧା ନାଟୁଣୀ ଥାନା ଅଞ୍ଚଳରେ ଘଟିଥିବା ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାର ରାୟ ଶୁଣାଇଛନ୍ତି। ମାତ୍ର ୭ ମାସ ମଧ୍ୟରେ ପୀଡ଼ିତା ନାବାଳିକାଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ମଙ୍ଗି ଓରଫ୍ କାର୍ତ୍ତିକ ବିଶ୍ୱାଳ (୨୨)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ପୁଲିସ ସୂଚନା ଅନୁସାରେ, ମଙ୍ଗି ଓ ନାବାଳିକା ଉଭୟ ଗୋଟିଏ ଗାଁର ବାସିନ୍ଦା। ଗତ ଏପ୍ରିଲ ୧୫ ତାରିଖରେ ୧୪ ବର୍ଷୀୟା ନାବାଳିକା ଗାଁ ଦାଣ୍ଡରେ ଛିଡ଼ା ହୋଇଥିଲେ। ସେହି ସମୟରେ ମଙ୍ଗି ତାଙ୍କୁ ଘରେ ଛାଡ଼ି ଦେବ କହି ଗାଡ଼ିରେ ବସାଇ ନେଇ ଯାଇଥିଲା। ଘରକୁ ଛାଡ଼ିବା ବାହାନାରେ ଗାଁର ବିଭିନ୍ନ ସ୍ଥାନକୁ ନେଇ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ଏମିତିକି ପୁରୀ ନେଇଯାଇ ସେଠାରେ ଦୁଷ୍କର୍ମ କରିବା ସହିତ ପରଦିନ ଆଣି ଗାଁରେ ଛାଡ଼ିଥିଲା। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ନାଟୁଣୀ ଥାନାରେ ଅଭିଯୋଗ କରିବା ପୁଲିସ କେସ୍ ନଂ - ୧୩୮/୨୪ ରେ ଦଫା ୩୬୩/୩୬୬/୩୭୬(୩) ଆଇପିସି ଏବଂ ୪ ଓ ୬ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତ ମଙ୍ଗିଙ୍କୁ ଗିରଫ କରିବା ସହିତ ନିର୍ଦ୍ଧାରିତ ସମୟ ପୂର୍ବରୁ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ୧୧ ଜଣ ସାକ୍ଷୀ ଓ ୪୫ଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାରରେ ବିଚାର କରି ଆସାମୀ ରିଙ୍କୁକୁ ୨୦ ବର୍ଷ ସଜା ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ପୀଡ଼ିତା ନାବାଳିକାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଦେବା ପାଇଁ ଡିଏଲ୍‌ଏସକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ଏହି ମାମଲାକୁ ପରିଚାଳନା କରୁଥିଲେ।

## ମହିଳାଙ୍କ ଘରପୋଡ଼ିଦେଲେ ଦୁର୍ବୃତ୍ତ

ନନ୍ଦନକାନନ, ୧୩।୧୨( ସମିସ ): କିଛି ଦୁର୍ବୃତ୍ତ ରାତିରେ ମହିଳାଙ୍କ ଘର ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ଫଳରେ ସେ ସର୍ବସ୍ୱ ହରାଇଛନ୍ତି। ଅନ୍ୟପକ୍ଷରେ ନ୍ୟାୟ ଓ କ୍ଷତିପୂରଣ ପାଇବା ପାଇଁ ବାରଙ୍ଗ ତହସିଲଦାରଙ୍କୁ ଫେରାଦ ହୋଇଛନ୍ତି। ବାରଙ୍ଗ ତହସିଲ ଅନ୍ତର୍ଗତ ବ୍ରାହ୍ମଣଝରୀଲୋ ରାଜସ୍ୱ ନିରୀକ୍ଷକ ଅଧୀନ କୁରୁଣ୍ଟି ମୌଜାର ଖୁଲଣା ଭୋଇ, ସୁଲୋଚନା ଭୋଇ ଓ ସୁଜାତା ଭୋଇ ତହସିଲଦାରଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। ନିର୍ଦ୍ଦିଷ୍ଟ କିଛି ଲୋକ ରାତି ଦୁଇଟା ବେଳେ ଏକାଠି ହୋଇ ଆସି ତାଙ୍କୁ ମାରଣାସ୍ତ୍ର ଦେଖାଇ ଗାଳି ଗୁଲଜ କରିବା ସହ ଘରେ ନିଆଁ ଲଗାଇ ଦେଇଛନ୍ତି। ଏ ସଂକ୍ରାନ୍ତରେ ସେମାନେ ସେମାନେ ସଦର ଥାନାରେ ଅଭିଯୋଗ ମଧ୍ୟ ଅଭିଯୋଗ କରିଛନ୍ତି। ତହସିଲଦାର ମହିଳାଙ୍କ ଅଭିଯୋଗ ଶୁଣିବା ପରେ ସେମାନଙ୍କୁ ତୁରନ୍ତ ମୁଣ୍ଡ ଗୁଞ୍ଜିବା ପାଇଁ ଜରିପାଲ ଦେବା ସହିତ ପରେ ସବୁ କଥା ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ମହିଳାମାନେ ଘରକୁ ଫେରିଥିଲେ।

# ବିଦେଶୀ କଏଦୀଙ୍କ ପାଇଁ କଣ୍ଟା ସାଜିଛି ଭାଷା

ଭୁବନେଶ୍ୱର, ୧୩।୧୨(ସମିସ)

ରାଜ୍ୟର ଅନେକ ଜେଲ୍‌ରେ ଏବେ ବିଦେଶୀ କଏଦୀ ଏବଂ ରାଜ୍ୟ ବାହାରର ଏକାଧିକ କଏଦୀ ଅଛନ୍ତି। ସେମାନେ ସାଇବର ଠକେଇ ଏବଂ ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ରହିଛନ୍ତି। କିନ୍ତୁ ସେମାନଙ୍କ ପାଇଁ ଏବେ କଣ୍ଟା ସାଜିଛି ଭାଷା। କାରଣ ରାଜ୍ୟର ଏକାଧିକ ଜେଲରେ ସର୍ବାଧିକ ଓଡ଼ିଆ କହୁଥିବା କଏଦୀ ଅଛନ୍ତି। ସେମାନଙ୍କ ସହ ଭାଷା ବିନିମୟ କରିବା ଏହି ବିଦେଶୀ କଏଦୀଙ୍କ ପକ୍ଷେ ସମ୍ଭବ ହେଉନି। ଯେଉଁଥି ପାଇଁ ସେମାନେ ନାନା ସମସ୍ୟାରେ ପଡୁଛନ୍ତି। ଏପରିକି ଅନ୍ୟ କଏଦୀମାନେ ମଜା ଉଠାଇବା ପାଇଁ ସେମାନଙ୍କୁ ପାଖକୁ ଡାକୁଛନ୍ତି। ସମସ୍ତେ ରୁଣ୍ଡହୋଇ ବିଦେଶୀ କଏଦୀଙ୍କୁ ବିଭିନ୍ନ ପ୍ରକାର ଆଞ୍ଚଳିକ ଭାଷାରେ ଗାଳିଗୁଲଜ କରୁଛନ୍ତି। ବିଦେଶୀ କଏଦୀ ବୁଝିପାରୁନଥିବାରୁ ଅନ୍ୟ କଏଦୀମାନେ ମଧ୍ୟ ଏହାର ମଜା ନେଉଛନ୍ତି। ବଡ଼ କଥା ହେଲା ସେମାନଙ୍କ କିଛି ଆବଶ୍ୟକ ହେଉଥିଲେ ସେମାନେ ଜେଲ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିପାରୁନାହାନ୍ତି। ସେମାନେ ସଠିକ୍ ଇଂରାଜୀ କହିପାରୁନଥିବାରୁ ସେମାନଙ୍କ ଭାଷା ଜେଲ୍ କର୍ତ୍ତୃପକ୍ଷ ବୁଝିପାରୁନାହାନ୍ତି। ଯେଉଁଥି ପାଇଁ ବିଦେଶୀ କଏଦୀ ଯାହା ଆବଶ୍ୟକ ହେଉଛି ଠାରରେ କହୁଥିବା ଦେଖିବାକୁ ମିଳିଛି। ଅନ୍ୟ ରାଜ୍ୟର କଏଦୀ ଓଡ଼ିଆ ବୁଝିପାରୁନଥିବା ବେଳେ ହିନ୍ଦୀ ଏବଂ ଇଂରାଜୀ କହୁଥିବା ବେଳେ ଜେଲ କର୍ତ୍ତୃପକ୍ଷ ସହଜରେ ବୁଝିପାରୁଛନ୍ତି। କିନ୍ତୁ ବିଦେଶୀ କଏଦୀ ଅନ୍ୟ ଓଡ଼ିଆ କଏଦୀଙ୍କ ନିର୍ଯାତନାର ଶିକାର ହେଲେ ମଧ୍ୟ ଭାଷା ବିନିମୟ କରିପାରୁନଥିବାରୁ ସମସ୍ୟାରେ ପଡୁଛନ୍ତି। ବଡ଼ କଥା ହେଲା ଓଡ଼ିଆ କଏଦୀମାନେ ମଜା ନେବା ପାଇଁ ତାଙ୍କୁ ଅଶ୍ଳୀଳ ଭାଷା ଶିଖାଉଛନ୍ତି। ଖାଇବା ମାଗିବାକୁ ହେଲେ ଅଶ୍ଳୀଳ ଭାଷା ଶିଖାଉଛନ୍ତି। ଯାହାଫଳରେ ୱାର୍ଡର ହୁଅନ୍ତୁ କିମ୍ବା ଜେଲର ତାଙ୍କ ସମସ୍ୟା ବୁଝିବାକୁ ଆସିଲେ ଉକ୍ତ ବିଦେଶୀ କଏଦୀ ଓଡ଼ିଆରେ ଅଶ୍ଳୀଳ ଭାଷା କହୁଛନ୍ତି। ସେ ଏହାର ଅର୍ଥ ଜାଣିନଥିବାରୁ ତାର ଆବଶ୍ୟକ ପୂରଣ ପାଇଁ ଅନ୍ୟ କଏଦୀ ଶିଖାଇଥିବା ଅଶ୍ଳୀଳ ଭାଷା କହୁଛନ୍ତି। ଏଭଳି ଘଟଣା ଝାରପଡ଼ା ଜେଲ୍‌ରେ ଦେଖିବାକୁ ମିଳୁଛି। ଝାରପଡ଼ା ଜେଲ୍‌ରେ ଦୁଇ ଜଣ ନାଇଜେରିଆ ସାଇବର ଅପରାଧୀ ଅଛନ୍ତି। ସେମାନେ ଓଡ଼ିଆ ଜାଣିନଥିବାରୁ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। ଅନ୍ୟ ଓଡ଼ିଆ କଏଦୀ ସେମାନଙ୍କୁ ଅଶ୍ଳୀଳ ଭାଷା ଶିକ୍ଷାଉଛନ୍ତି। ଯାହାଫଳରେ ଖାଇବାକୁ ଦିଅ କହିବା ବଦଳରେ ଅନ୍ୟ କଏଦୀ ଶିଖାଇଥିବା ଅଶ୍ଳୀଳ ଭାଷା କହୁଛନ୍ତି। ଅନ୍ୟପଟରେ ମଧ୍ୟ ଏହି ବିଦେଶୀ କଏଦୀ ଖାଇବାକୁ ନେଇ ମଧ୍ୟ ଜେଲ୍ କର୍ତ୍ତୃପକ୍ଷ ଚିନ୍ତାରେ ପଡୁଛନ୍ତି। ସେମାନେ ସବୁବେଳେ ଆମିଷ ଖାଇବାକୁ ମାଗୁଛନ୍ତି। ଆମିଷ ନହେଲେ ସେମାନେ କିଛି ବି ଖାଉନାହାନ୍ତି। ଭାତ, ରୁଟି ଥାଳିରେ ସେମାନେ ହାତ ମାରୁନାହାନ୍ତି। କେବଳ ବ୍ରେଡ୍ ଏବଂ ସ୍ନାକ୍ସ ଖାଉଥିବା ଜଣାପଡ଼ିଛି।

ଅନ୍ୟପଟରେ ସେମାନେ ଆଞ୍ଚଳିକ ଭାଷା ଜାଣିନଥିବାରୁ ଜାମିନ୍‌ରେ ମୁକୁଳିବା କଷ୍ଟକର ହୋଇପଡୁଛି। ନା ସେମାନେ କୌଣସି ଓକିଲ ସହ ଯୋଗାଯୋଗ କରିପାରୁଛନ୍ତି ନା ମାଗଣା ଆଇନ୍‌ର ସୁବିଧା ନେଇପାରୁଛନ୍ତି। ଯେଉଁଥି ପାଇଁ ଦୀର୍ଘଦିନ ସେମାନେ ଜେଲର ଚାରି କାନ୍ଥରେ ପଡ଼ି ରହୁଛନ୍ତି। ବହୁ ଦିନ ରହିବା ପରେ ସେମାନଙ୍କ ଦେଶର ରାଷ୍ଟ୍ରଦୂତ ଯୋଗାଯୋଗ କରୁଛନ୍ତି। ଏପରିକି ସେମାନଙ୍କ ସହ ମୁଲାକାତ କରି ସେମାନଙ୍କ ଭାଷାରେ କଥା ହେବା ପରେ ସମସ୍ୟା ବୁଝୁଛନ୍ତି। ବିଦେଶୀ କଏଦୀଙ୍କ ସହ କଥା ହେବା ପରେ ସଦସ୍ୟ ପଠାଇ ସେମାନଙ୍କୁ ଜାମିନ୍‌ରେ ବାହାର କରିବା ପାଇଁ ସମସ୍ତ ବ୍ୟବସ୍ଥା କରନ୍ତି। ଏପରିକି ଜାମିନ୍‌ରେ ମୁକୁଳିବା ପରେ ସେମାନଙ୍କୁ କୋର୍ଟ ତରଫରୁ କିଛି ସର୍ତ୍ତ ରଖାଯାଇଥାଏ। ସେମାନେ ରାଷ୍ଟ୍ରଦୂତଙ୍କ ମାର୍ଫତରେ ଯାଇଥାନ୍ତି। ଯେତବେଳେ କୋର୍ଟ ସେମାନଙ୍କୁ ହାଜର ପାଇଁ ନୋଟିସ୍ କରିବ ରାଷ୍ଟ୍ରଦୂତ ଜରିଆରେ ସେମାନେ କୋର୍ଟରେ ହାଜର ହେବେ।

**ଆଇନ୍‌ର ସୁବିଧା ନପାଇ ଦୀର୍ଘଦିନ ଜେଲରେ ରହୁଛନ୍ତି**

**ଅନ୍ୟ ଓଡ଼ିଆ କଏଦୀ ଶିଖାଉଛନ୍ତି ଅଶ୍ଳୀଳ ଭାଷା**

**ବିଦେଶୀଙ୍କୁ ଆମିଷ ଖାଇବା ଦେଇପାରୁନି ଜେଲ୍**



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୪.୮୭
- ପାଉଣ୍ଡ ୧୦୭.୨୬
- ୟୁରୋ ୮୯.୦୧
- ୟେନ୍ ୦.୫୫

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)



- ସେନ୍‌ସେକ୍ସ ୮୨,୧୩୩.୦୦
- ନିଫ୍ଟି ୨୪,୭୬୮.୦୦

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୩,୦୧୦ (ଭୁବନେଶ୍ୱର)
- ରୁପା : ୯୯,୭୦୦ (କେଜି)

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)



- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

**ବିଶ୍ୱ ବ୍ୟାଙ୍କର ଚେତାବନୀ** | **ବିକଶିତ ରାଷ୍ଟ୍ର ହେବା ପାଇଁ ଭାରତ ପାଖରେ ଖୁବ୍ କମ୍ ସମୟ**

# ଆମେରିକା ଅର୍ଥନୀତିର ଏକ ଚତୁର୍ଥାଂଶ ହେବାକୁ ଲାଗିବ ୭୫ ବର୍ଷ

ନୂଆଦିଲ୍ଲୀ,୧୩।୧୨(ଏଜେନ୍ସି)

୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ବର୍ଗରେ ଛିଡା ହେବାକୁ ଚେଷ୍ଟା କରୁଥିବା ଭାରତକୁ ବିଶ୍ ବ୍ୟାଙ୍କ କଡ଼ା ସମାଲୋଚନା କରିଛି। ବିଶ୍ୱ ବ୍ୟାଙ୍କ କହିଛି ଯେ ଏକ ବିକଶିତ ଦେଶରେ ପରିଣତ ହେବାକୁ ଭାରତ ନିକଟରେ ବହୁତ କମ୍ ସମୟ ରହିଛି। ଏହି ସମୟ ମଧ୍ୟରେ ଭାରତକୁ ଅନେକ ବଡ଼ ସଂସ୍କାର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଯଦି ଭାରତ ଏହା କରିବାରେ ଅସମର୍ଥ, ତେବେ ଆମେରିକାର ବର୍ତ୍ତମାନର ଅର୍ଥନୀତିର ଏକ ଚତୁର୍ଥାଂଶ ହେବାକୁ ଦେଶକୁ ୭୫ ବର୍ଷ ସମୟ ଲାଗିବ।

ତେବେ, ବିଶ୍ୱ ବ୍ୟାଙ୍କର ଏହି ମନ୍ତବ୍ୟ ବିଶେଷ ଭାବରେ ମୁଣ୍ଡପିଛା ଆୟ ପ୍ରସଙ୍ଗରେ ରହିଛି। ଏକ ବିକାଶିତ ରାଷ୍ଟ୍ରରେ ପରିଣତ ହେବାର ପଥରେ ଭାରତ ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ବିଶବ୍ ବ୍ୟାଙ୍କ ଚିହ୍ନଟ କରିଛି। ସେଥିରୁ ଗୋଟୀଏ ହେଉଛି ନିବଶେରେ ବୃଦ୍ଧି ଏବଂ ଅନ୍ୟଟି ଅର୍ଥନୈତିକ କାର୍ଯ୍ୟକଳାପରେ ଅପାରଗତାକୁ ହ୍ରାସ କରିବା। ବିଶ୍ୱ ବ୍ୟାଙ୍କ ଏହା ମଧ୍ୟ କହିଛି ଯେ ଭାରତ କ୍ରମାଗତ ଭାବେ ଏକ ସ୍ୱଳ୍ପ ଆୟକାରୀ ରାଷ୍ଟ୍ର ଗୋଷ୍ଠୀରେ ରହିଆସିଛି। ବିଗତ ୩୪ ବର୍ଷରେ ବିଶ୍ୱର ୩୪ଟି ଦେଶ ମଧ୍ୟମ ଆୟରୁ ଉଚ୍ଚ ଆୟକାରୀ ଗୋଷ୍ଠୀକୁ ଉନ୍ନୀତ ହୋଇଛନ୍ତି। ବିଶ୍ୱ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ଇନ୍ଦ୍ରାମିତ୍ ଗିଲ ଶିଳ୍ପ ସଂଘ ସିଆଇଆଇର ଗ୍ଲୋବାଲ ଇକୋନୋମିକ୍ ପଲିସି ଫୋରମ୍ କାର୍ଯ୍ୟକ୍ରମରେ ତାଙ୍କ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଗିଲ ତାଙ୍କର ଏହି ଉପସ୍ଥାପନାରେ କହିଛନ୍ତି ଯେ ଗତ ଅଢ଼େଇ ଦଶନ୍ଧିର ତଥ୍ୟ ଦର୍ଶାଉଛି ଯେ ସ୍ୱଳ୍ପ ଆୟକାରୀ ରାଷ୍ଟ୍ରଗୁଡିକ ପାଇଁ ଅର୍ଥନୈତିକ ପ୍ରଗତି ହାସଲ କରିବା ଏକ ବଡ଼ ଆହ୍ୱାନରେ ପରିଣତ ହେବାରେ ଚ୍ୟାଲେଞ୍ଜ ହେବାରେ ଲାଗିଛି। ଭୂ-ରାଜନୈତିକ ତିକ୍ତତା କ୍ରମାଗତ ଭାବେ ବୃଦ୍ଧି ପାଉଛି, ବ୍ୟବସାୟର ସୁରକ୍ଷା ପ୍ରତି ବିକଶିତ ରାଷ୍ଟ୍ରମାନଙ୍କର ମନୋଭାବ କଠୋର




ହେବାରେ ଲାଗିଛି। ସେଠାରେ ନୀତିଗତ ଅସ୍ଥିରତା, ଅତ୍ୟଧିକ ସୁଧ ହାର, ପ୍ରାକୃତିକ ଅଧିକ ରହିଛି।

ବିଶ୍ୱବ୍ୟାଙ୍କର ୨୦୨୨ ରିପୋର୍ଟ ଅନୁଯାୟୀ ଆମେରିକାରେ ମୁଣ୍ଡପିଛା ଆୟ ୩୭,୬୮୩ ଡଲାର ହୋଇଥିବାବେଳେ ସେହି ବର୍ଷ ଭାରତରେ ଆୟ ୨୩୯୩ ଡଲାର ରହିଥିଲା। ଏଭଳି ପରିସ୍ଥିତିରେ ଭାରତ କ୍ରମାଗତ ଭାବେ କମ୍ ମଧ୍ୟମ ଆୟକାରୀ ରାଷ୍ଟ୍ର (ମୁଣ୍ଡପିଛା ଆୟ ୧୧୩୬ ରୁ ୪୪୬୫ ଡଲାର) ବର୍ଗରେ ରହିଆସିଛି। ଏଥିରେ ବିଶ୍ୱର ପ୍ରମୁଖ ବିକାଶଶୀଳ ଦେଶଗୁଡିକର ତଥ୍ୟକୁ ଆଧାର କରି ଆକଳନ କରାଯାଇଛି ଯେ ଯଦି ବଡ଼ ସଂସ୍କାର ପଦକ୍ଷେପ ଗ୍ରହଣ କରାନ ଯାଏ ତେବେ ଆମେରିକାର ଆୟର ୨୫ ପ୍ରତିଶତ ସ୍ତର ହାସଲ କରିବାକୁ ଭାରତକୁ ୭୫ ବର୍ଷ ଲାଗିଯିବ। ମଧ୍ୟମ ଆୟ ଗୋଷ୍ଠୀ ଦେଶମାନଙ୍କ ବିଷୟରେ କୁହାଯାଇଛି ଯେ ସେମାନଙ୍କ ନିକଟରେ କମ୍ ପୁଞ୍ଜି ରହିଛି। ଏହି ଦେଶଗୁଡିକ ଉପରେ ବଢୁଥିବା ଋଣ ଭାର ମଧ୍ୟ ଏକ ବଡ଼ ଆହ୍ୱାନ ଭାବରେ ଉପସ୍ଥାପିତ ହୋଇଛି। କୋଭିଡ୍ ପରେ ଭାରତ ଉପରେ ବୈଦେଶିକ ଋଣ ଭାର ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି।

**ଡବ୍ଲ୍ୟୁଜିସି ରିପୋର୍ଟ**

# ୨୦୨୪ରେ ସୁନା ୩୦% ମହଙ୍ଗା

ନୂଆଦିଲ୍ଲୀ,୧୩।୧୨(ଏଜେନ୍ସି)

ଚଳିତବର୍ଷ ଭାରତ କାହିଁକି ସାରା ବିଶ୍ୱରେ ସୁନା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଦର ଏମିତି ହୋଇଛି ଯେ, ୨୦୨୪ ଅର୍ଥାତ୍ ଚଳିତବର୍ଷ ସୁନା ମୂଲ୍ୟରେ ୩୦ ପ୍ରତିଶତ ରେକର୍ଡ ବୃଦ୍ଧି ଘଟିଛି। ଏଥିସହ ସୁନା ମୂଲ୍ୟରେ ଗତ ୧୦ ବର୍ଷର ରେକର୍ଡ ଭାଙ୍ଗିଛି। ବିଶ୍ୱ ସୁନା ପରିଷଦ (ଡବ୍ଲ୍ୟୁଜିସି) ର ଏକ ସଦ୍ୟ ରିପୋର୍ଟରୁ ଏହା ଜଣାପଡିଛି। ରିପୋର୍ଟ ମୁତାବକ, ଚଳିତ ବର୍ଷ ସୁନାର ମୂଲ୍ୟରେ ପ୍ରତି ଗ୍ରାମ ପିଛା ୭,୩୦୦ ଟଙ୍କା ବୃଦ୍ଧି ଘଟିଛି। ଡବ୍ଲ୍ୟୁଜିସିର ରିପୋର୍ଟରେ କୁହାଯାଇଛି ଯେ, ୨୦୨୪ରେ ସାରା ବିଶ୍ୱରେ ସୁନା ମୂଲ୍ୟରେ ବୃଦ୍ଧି ମୁଖ୍ୟତଃ ଭାବେ ସାରା ଦୁନିଆର କେନ୍ଦ୍ରୀୟ ବ୍ୟାଙ୍କରେ ନିବେଶକଙ୍କର କ୍ରୟ ଯୋଗୁଁ ଆସିଛି।



- ଗ୍ରାମ ପିଛା ୭,୩୦୦ ଟଙ୍କା ବଢ଼ିଛି
- ଭାଙ୍ଗିଛି ୧୦ ବର୍ଷର ରେକର୍ଡ

ବିଶ୍ୱ ସୁନା ପରିଷଦର ରିପୋର୍ଟ ମୁତାବକ ଜିଡିପି, ଫସଲ ଉତ୍ପାଦନ ଏବଂ ମହଙ୍ଗା ବଜାର ଭଳି କେତେକ ମୁଖ୍ୟ କାରକ ଉପରେ ନଜର ପକାଇଲେ ଜଣାପଡିଛି ଯେ, ୨୦୨୫ ସୁନା ପାଇଁ ସକାରାତ୍ମକ ରହିବ। ୨୦୨୪ ଭଳି ୨୦୨୫ରେ ସୁନା ମୂଲ୍ୟରେ ସେଭଳି ବୃଦ୍ଧି ଦେଖିବାକୁ ମିଳିବନାହିଁ। ଯଦିବା ମୂଲ୍ୟ ବୃଦ୍ଧି ଘଟିବ ତେବେ ତାହା ସାରା ଦୁନିଆର କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରାନୀତିର ପ୍ରଭାବ ଜରିଆରେ ଦେଖିବାକୁ ମିଳିବ। ଏହା ବ୍ୟତୀତ ସୁନାର ବଜାରରେ ଚୀନର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିବ। ଗୋଲ୍ଡ ମ୍ୟାନ୍ ସ୍ୟାଚ୍‌ର ଅନୁମାନ ଅନୁଯାୟୀ, ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ସୁନାର ମୂଲ୍ୟ ପ୍ରତି ଆଉନ୍ସ ପିଛାରେ,୧୫୦ ଡଲାରରେ ପହଞ୍ଚିବ, ଯାହା ଏହାର ବର୍ତ୍ତମାନ ର ସ୍ତର ତୁଳନାରେ ହାରାହାରି ୧୭ ପ୍ରତିଶତ ଅଧିକ। ୟୁବିଏସ୍‌ର ବିଶ୍ଳେଷକମାନଙ୍କ ମଧ୍ୟ ଅନୁମାନ ରହିଛି ଯେ, ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ସୁନା ମୂଲ୍ୟରେ ପ୍ରତି ଆଉନ୍ସ ପିଛା ୨,୯୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିବ। ବର୍ତ୍ତମାନ ଆନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ପ୍ରତି ଆଉନ୍ସ ପିଛା ପାଖାପାଖି ୨୭୦୦ ଡଲାର ରହିଛି। ଏଥିପାଇଁ ଭାରତୀୟ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୦ ଟଙ୍କା ଅତିକ୍ରମ କରିଛି।

**କୋଟାକ୍ ସିକ୍ୟୁରିଟିଜ୍ ମାର୍କେଟ ଆଉଟଲୁକ୍ ରିପୋର୍ଟ**

# ୨୦୨୫ରେ ଟଙ୍କା ୮୭ ସ୍ତର ଛୁଇଁବ

ମୁମ୍ବଇ,୧୩।୧୨(ଏଜେନ୍ସି)

୨୦୨୪ରେ ବିଶ୍ୱସ୍ତରରେ ଆମେରିକୀୟ ଡଲାର ମଜଭୁତ ହୋଇଥିବାବେଳେ ଆରବିଆଇର ସକାରାତ୍ମକ ହସ୍ତକ୍ଷେପ ଯୋଗୁଁ ଟଙ୍କାକୁ ଫାଇଦା ମିଳିଥିଲା। ତେବେ ୨୦୨୫ରେ ଟ୍ରମ୍ପ ପ୍ରଶାସନର ବାଣିଜ୍ୟ ନୀତି ଏବଂ ବିତ୍ତୀୟ ସଂସ୍କାର ବିଶ୍ୱ ବଜାରରେ ବ୍ୟାଘାତ ସୃଷ୍ଟି କରିବା ଆଶଙ୍କା ରହିଥିବା, ଏବଂ ଡଲାର ମୂଲ୍ୟକୁ ଅଧିକରେ ପହଞ୍ଚାଇବା ଯଥେଷ୍ଟ ସମ୍ଭାବନା ଥିବାରୁ ୨୦୨୫ରେ ଅଧିକ ଅସ୍ଥିର ସ୍ଥିତି ସୃଷ୍ଟି ହୋଇପାରେ। ଏମିତିକି ଡଲାର ତୁଳନାରେ ଟଙ୍କା ୮୭ ସ୍ତରରେ ପହଞ୍ଚିପାରେ ବୋଲି କୋଟାକ୍ ସିକ୍ୟୁରିଟିଜ ମାର୍କେଟ ଆଉଟଲୁକ୍ ୨୦୨୫ ରିପୋର୍ଟରେ କୁହାଯାଇଛି।

୨୦୨୫ରେ ଇକ୍ୱିଟି ବଜାର ଅଧିକ ଗତିଶୀଳ ହେବ। ଏହି ସମୟରେ କମୋଡିଟି କାରବାର ତାହାର ଐତିହାସିକ ସର୍ବୋତ୍ତମ ଲକ୍ଷ୍ୟକୁ ପାର୍ କରିବ। ଏହାସହିତ ଶୀଘ୍ର ସମ୍ପତ୍ତି ସୃଷ୍ଟି କରିବା ନିମନ୍ତେ ଯୁବ ନିବେଶକମାନେ ବହୁ ସଂଖ୍ୟାରେ ଷ୍ଟକ୍ ମାର୍କେଟରେ ପ୍ରବେଶ କରିବା ସାମଗ୍ରିକ ଭାବରେ ବଜାରରେ ଅଭିବୃଦ୍ଧି ଆଣିବ। ଦୀର୍ଘ ମିଆଦରେ ନିବେଶକମାନେ ସମୃଦ୍ଧ ମୂଲ୍ୟାୟନ ମଧ୍ୟରେ ଗୁଣବତ୍ତା ବିଶିଷ୍ଟ ଆସେଟ୍ ଉପରେ ଦୃଷ୍ଟିନିବଦ୍ଧ କରିବା ଉଚିତ। ଅର୍ଥ ସମ୍ପର୍କିତ ନୀତି ସହଜ ଆଡକୁ ଯାଉଥିବା ଏବଂ ଆମେରିକା,ୟୁରୋପ ଓ ଏସିଆରେ ସୁଧହାର ହ୍ରାସ ପାଇବା ଆଶା କରାଯାଉଥିବାବେଳେ ବିଶ୍ୱ ଅର୍ଥନୀତିଗୁଡିକ ସ୍ଥିର ଅବସ୍ଥାକୁ ଆସୁଛି। ଘରୋଇ କ୍ଷେତ୍ରରେ ମୁଦ୍ରାସ୍ଫୀତି ଉଚ୍ଚସ୍ତରରେ ରହିଛି, ବିଶେଷକରି ଖାଦ୍ୟସାମଗ୍ରୀ ମୂଲ୍ୟ ଅଧିକ ରହିଛି। ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ରହିଥିବାବେଳେ ଜିଡିପିରେ ହଠାତ୍ ହ୍ରାସ ଫେବୃଆରୀ ଆର୍ଥିକ ନୀତି ସମୀକ୍ଷାରେ ସୁଧହାର ହ୍ରାସ କରିବା ସମ୍ଭାବନା ସୃଷ୍ଟି କରିପାରେ।



# ୧୦,୦୦୦ ବୁକିଂ ମାଇଲଖୁଣ୍ଟ ଟପିଲା ସ୍କୋଡା କେଲାକ୍



**ମୁମ୍ବଇ, ୧୩।୧୨(ଏଜେନ୍ସି):** ସ୍କୋଡ଼ା ଅଟୋ ଇଣ୍ଡିଆର ସର୍ବପ୍ରଥମ ସବ୍- ୪ମିଟର ଏସୟୁଭି କେଲାକ୍ ବୁକିଂ ଆରମ୍ଭର ୧୦ ଦିନ ମଧ୍ୟରେ ୧୦,୦୦୦ ବୁକିଂ ହାସଲ କରି ଏକ ଅଭୂତପୂର୍ବ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି। ସ୍କୋଡ଼ା ଅଟୋ ଇଣ୍ଡିଆର ଅଧୁନାତମ ଭାରତୀୟ ଏସୟୁଭି ବଜାରର ଏଭଳି ବୃଦ୍ଧି ସ୍କୋଡ଼ା ଉପରେ ରହିଥିବା ଦୃଢ଼ ଦାୟିତ୍ୱବୋଧତାର ସଫଳତାକୁ ପ୍ରତିପାଦନ କରୁଛି। ଏଭଳି ଏକ ମୁହୂର୍ତ୍ତର ସ୍ଥାପନ ସହିତ କେଲାକ୍‌କୁ ନେଇ ସ୍କୋଡ଼ା ଅଟୋ ଇଣ୍ଡିଆ ଦେଶ ବ୍ୟାପୀ ଡ୍ରିମ ଟୁର ଯାତ୍ରା ଆରମ୍ଭ କରିଛି। ୪୩ ଦିନ ମଧ୍ୟରେ ଚକଣ କାରଖାନାରୁ ୩ଟି କେଲାକ୍ ଏସୟୁଭିକୁ ନେଇ ଏହା ନିଜର ଯାତ୍ରା ପଥରେ ବିଭିନ୍ନ ସହର ଅତିକ୍ରମ କରିବା ସହିତ ଦେଶର ଉଭୟ ଆଗ ଏବଂ ପଛ ଗତିପଥ ସହିତ ନିଜକୁ ସାମିଲ କରି ଏହାକୁ ଅତିକ୍ରମ କରିଛି। ଏ ସମ୍ପର୍କରେ ସ୍କୋଡ଼ା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ପିଟର ଜାନେବା କହିଛନ୍ତି,୧୦,୦୦୦ ବୁକିଂକୁ ନେଇ ୧୦ଦିନ ମଧ୍ୟରେ ସୋ'ରୁମରେ କୌଣସି କାର ନ ଥାଇ ଏଭଳି ଏକ ସଫଳତା ଆମ ପାଇଁ ବହୁତ ବଡ଼। ଆମ ପାଇଁ କେଲାକ୍ ସମ୍ପୂର୍ଣ୍ଣ ନୂତନ କାର ଅଟେ ଯେଉଁଥିରେ ନୂତନ ଭାବରେ ସମ୍ପୂର୍ଣ୍ଣ ଉପ-୪ଏମ ଏସୟୁଭିର ବିଭାଗ ରହିଛି।

**ପୁଣି ଖସିଲା ବୈଦେଶିକ ମୁଦ୍ରା ଭଣ୍ଡାର**

# ୩.୨୩ ବିଲିୟନ୍ ଡଲାର ହ୍ରାସ

**ନୂଆଦିଲ୍ଲୀ ୧୩।୧୨(ଏଜେନ୍ସି):** ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ପୁଣି ହ୍ରାସ ଦେଖାଦେଇଛି। ଫଳରେ ଦେଶର ମୁଦ୍ରା ଭଣ୍ଡାର ୬୫୪.୮୬ ବିଲିୟନ ଡଲାରକୁ ଖସିଆସିଛି। ୬ ଡିସେମ୍ବରରେ ସମାପ୍ତ ହୋଇଥିବା ସପ୍ତାହରେ ମୁଦ୍ରା ଭଣ୍ଡାରରେ ୩.୨୩ ବିଲିୟନ ଡଲାର ହ୍ରାସ ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଶୁକ୍ରବାର ଏହି ସୂଚନା ଦେଇଛି। ଏହା ପୂର୍ବ ସପ୍ତାହରେ ଦେଶର ମୁଦ୍ରା ଭଣ୍ଡାର ୧.୫୧ ବିଲିୟନ ଡଲାର ବୃଦ୍ଧି ସହିତ ୬୫୮.୦୯ ବିଲିୟନ ଡଲାରରେ ପହଞ୍ଚିଥିଲା। ସେପ୍ଟେମ୍ବର ମାସ ଶେଷରେ ମୁଦ୍ରା ଭଣ୍ଡାର




୭୦୪.୮୮ ବିଲିୟନ ଡଲାରର ସର୍ବୋଚ୍ଚ ସ୍ତର ଛୁଇଁଥିଲା। ଆରବିଆଇଙ୍କ ତଥ୍ୟ ମୁତାବକ ୬ ଡିସେମ୍ବରରେ ଶେଷ ସପ୍ତାହରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ)ରେ ଭାରତର ରିଜର୍ଭରେ ୧.୨ କୋଟି ଡଲାର ବୃଦ୍ଧି ହୋଇ ୪.୨୭ ବିଲିୟନ ଡଲାରକୁ ପହଞ୍ଚିଛି। ବୈଦେଶିକ ମୁଦ୍ରା ଭଣ୍ଡାରର ଗୁରୁତ୍ୱପୂର୍ଣ୍ଣ ଅଂଶ କୁହାଯାଉଥିବା ବିଶୀ ମୁଦ୍ରା ସମ୍ପତ୍ତି (ଏଫସିଏ)ରେ ୩.୨୩ ବିଲିୟନ ଡଲାର ହ୍ରାସ ହୋଇ ୫୬୫.୨୨ ବିଲିୟନ ଡଲାର ହୋଇଯାଇଛି।

**● ଭାରତୀୟ କମ୍ପାନୀଙ୍କୁ ଝଟ୍‌କା**

# ଏମ୍‌ଏଫ୍‌ଏନ୍ ମାନ୍ୟତା ହଟାଇଲା ସ୍ୱିଜରଲ୍ୟାଣ୍ଡ

ନୂଆଦିଲ୍ଲୀ,୧୩।୧୨(ଏଜେନ୍ସି)

ସ୍ୱିଜରଲ୍ୟାଣ୍ଡରୁ ଭାରତକୁ ମିଳିଛି ବଡ଼ ଝଟ୍‌କା। ଭାରତକୁ ଦେଇଥିବା ଏମ୍‌ଏଫ୍‌ଏନ୍ (ମୋଷ୍ଟ ଫେଭର୍ଡ ନେସନ) ମାନ୍ୟତାକୁ ସ୍ୱିଜରଲ୍ୟାଣ୍ଡ ହଟାଇଦେଇଛି। ନେସ୍‌ଲେ ବିରୋଧରେ ଭାରତୀୟ କୋର୍ଟଙ୍କ ରାୟ ପରେ ସ୍ୱିଜରଲ୍ୟାଣ୍ଡ ପ୍ରତିକ୍ରିୟାଶୀଳ ହୋଇଉଠିଛି। ଏହାର ଜବାବ୍ ଦେବାକୁ ଯାଇ ଭାରତକୁ ଦିଆଯାଇଥିବା ଏମ୍‌ଏଫ୍‌ଏନ୍ (ମୋଷ୍ଟ ଫେଭର୍ଡ ନେସନ) ମାନ୍ୟତା ପ୍ରତ୍ୟାହାର କରିନେଇଛି ସ୍ୱିଜରଲ୍ୟାଣ୍ଡ। ଏହି ପଦକ୍ଷେପ ୟୁରୋପୀୟ ରାଷ୍ଟ୍ରଗୁଡିକରେ କାର୍ଯ୍ୟ କରୁଥିବା ଭାରତୀୟ କମ୍ପାନୀଙ୍କ ଉପରେ ପ୍ରତିକୂଳ ଟିକସ ପ୍ରଭାବ ପକାଇବ।

ଏହାସହିତ, ଆସନ୍ତା ଜାନୁୟାରୀ ପହିଲାଠାରୁ, ଭାରତୀୟ କମ୍ପାନୀମାନଙ୍କୁ ସ୍ୱିଜରଲ୍ୟାଣ୍ଡରେ ଅର୍ଜିତ ଆୟ ଉପରେ ଅଧିକ ଟିକସ ଦେବାକୁ ପଡିବ। ଏକ ବିବୃତ୍ତିରେ ଆୟ ଉପରେ ଟିକସ ଉପରେ ଦ୍ୱିଗୁଣ ଟିକସକୁ ଏଡାଇବା ପାଇଁ ସ୍ୱିଜରଲ୍ୟାଣ୍ଡ କନଫେଡେରେସନ୍ ଏବଂ ରିପବ୍ଲିକ୍ ଅଫ୍ ଇଣ୍ଡିଆ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ପ୍ରୋଟୋକଲର ଏମ୍‌ଏଫ୍‌ଏନ୍ ଧାରା ପ୍ରୟୋଗ ସ୍ଥଗିତ ରଖିବାକୁ ଘୋଷଣା କରିଛି। ନେସ୍‌ଲେ ସହିତ ଜଡିତ ଏକ ମାମଲାରେ ସ୍ୱିଜରଲ୍ୟାଣ୍ଡ ଏମ୍‌ଏଫ୍‌ଏନ୍ ମାନ୍ୟତା ପ୍ରତ୍ୟାହାର ନିଷ୍ପତ୍ତି ପାଇଁ ଉଲ୍ଲେଖ କରିଛି। ଏହାର ଅର୍ଥ ହେଉଛି, ୨୦୨୫ ଜାନୁଆରୀ ୧ ରୁ ଭାରତୀୟ ସଂସ୍ଥା ଦ୍ୱାରା ଦେଶରେ ଅର୍ଜନ ହୋଇଥିବା ଡିଭିଡେଣ୍ଡ ଉପରେ ସ୍ୱିଜରଲ୍ୟାଣ୍ଡ ୧୦ ପ୍ରତିଶତ ଟିକସ ଲାଗୁ କରିବ।




**ଏଫ୍‌ଆଇୟୁ ୟୁନିଟ୍‌ର ଖୁଲାସା**

# ଚଳିତବର୍ଷ ୧୧ ହଜାର କୋଟିର ଅଜ୍ଞାତ ଆୟ ଠାବ

ନୂଆଦିଲ୍ଲୀ,୧୩।୧୨(ଏଜେନ୍ସି)

ଦେଶରେ ଏକ ବଡ଼ ଧରଣର ଅଜ୍ଞାତ ତଥ୍ୟା ଆୟ ଠାବ ହୋଇଛି। ଫାଇନାନ୍ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍ ଇଣ୍ଡିଆ (ଏଫ୍‌ଆଇୟୁ-ଇଣ୍ଡ) ଚଳିତବର୍ଷ ପ୍ରାୟ ୧୧,୦୦୦ କୋଟି ଟଙ୍କାର ଅଘୋଷିତ ଆୟ ଚିହ୍ନଟ କରିଛି। ଏଥିରେ ନିୟାମକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ୨୧୧ ଅନୁପାଳନ ଆଦେଶ ବଳରେ ବିଭିନ୍ନ ସଂସ୍ଥା ନିକଟରୁ ୩୯.୧୪ କୋଟି ଟଙ୍କାର ଜରିମାନା ଆଦାୟ କରାଯାଇଛି। ଏଫ୍‌ଆଇୟୁ-ଇଣ୍ଡ ହେଉଛି ଏକ କେନ୍ଦ୍ରୀୟ, ଜାତୀୟ ଏଜେନ୍ସି ଯାହାକି ସନ୍ଦେହଜନକ ଆର୍ଥିକ କାରବାର ସହ ଜଡିତ ସୂଚନା ଗ୍ରହଣ କରିବା ସହ ତାହାର ପ୍ରକ୍ରିୟାକରଣ ଏବଂ ବିଶ୍ଳେଷଣ କରିବା ଓ ତାହାକୁ କାର୍ଯ୍ୟକାରୀ ଏଜେନ୍ସି ଏବଂ ବିଦେଶୀ ଏଫ୍‌ଆଇୟୁ ନିକଟକୁ ପଠାଇଥାଏ। କେନ୍ଦ୍ର ଆର୍ଥିକ ଇଣ୍ଟେଲିଜେନ୍ସ ୟୁନିଟ୍ ଇଣ୍ଡିଆ (ଏଫ୍‌ଆଇୟୁ-ଇଣ୍ଡ) ୨୦୨୪ରେ ପ୍ରାୟ ୧୧,୦୦୦ କୋଟି ଟଙ୍କା ଅଜ୍ଞାତ ଆୟ ଚିହ୍ନଟ କରିଛି। ଗୁରୁବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଇନ ପ୍ରବର୍ତ୍ତନ ଏଜେନ୍ସି ସହିତ ଏଫ୍‌ଆଇୟୁ-ଇଣ୍ଡ ଦ୍ୱାରା ସେୟାର ଅଂଶୀଦାର ହୋଇଥିବା ସୂଚନାରେ କୁହାଯାଇଛି ଯେ ଚଳିତ ବର୍ଷ ୧୦,୯୯୮ କୋଟି ଟଙ୍କାର ଅଜ୍ଞାତ ଆୟ ଚିହ୍ନଟ ହୋଇଛି। ଏଥିସହ ବର୍ଷରେ ୨୭୬୩ କୋଟି ଟଙ୍କା ମୂଲ୍ୟର ଅପରାଧିକ ଆୟ ଚିହ୍ନଟ କରାଯାଇଥିଲା, ଯେଉଁଥିରେ ୯୮୩.୪ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ ହୋଇଥିଲା। ମନ୍ତ୍ରଣାଳୟ କହିଛି ଯେ କେନ୍ଦ୍ରୀୟ ନୋଡାଲ ଏଜେନ୍ସି ୪୬୧ କିଲୋଗ୍ରାମର ମାଦକ ଦ୍ରବ୍ୟ ଜବତ କରିଛି। ଏହା ବ୍ୟତୀତ ଅର୍ଥ ହେରଫେର, ଆତଙ୍କବାଦ ପାଣ୍ଠି ଏବଂ ଅନ୍ୟାନ୍ୟ ଅପରାଧରେ ୧୮୪ ଜଣଙ୍କୁ ଗିରଫ କରାଯାଇଛି। ମନି ଲଣ୍ଡରିଂ, ଆତଙ୍କବାଦ ତଥା ବିସ୍ତାର ପାଣ୍ଠି ସହ ଜଡିତ ଆର୍ଥିକ କାରବାର ଉପରେ ଏଫ୍‌ଆଇୟୁ-ଇଣ୍ଡ ଦ୍ୱାରା କଡା ନଜର ରଖିବା ଦ୍ୱାରା ପ୍ରାୟ ୧୧,୦୦୦ କୋଟି ଟଙ୍କା ଆୟ ସମ୍ପର୍କରେ ସୂଚନା ମିଳିପାରିଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏ ସମ୍ପର୍କରେ ଏକ ବିବୃତ୍ତିରେ କୁହାଯାଇଛି।

ଏଫ୍‌ଆଇୟୁ-ଇଣ୍ଡ କ'ଣ ଏଫ୍‌ଆଇୟୁ-ଇଣ୍ଡ ହେଉଛି ଏକ ରାଷ୍ଟ୍ରୀୟ ଏଜେନ୍ସି ଯେ କି ସନ୍ଦିଗ୍ଧ ଆର୍ଥିକ ହେରଫେର ସମ୍ପର୍କିତ ସୂଚନା ପ୍ରାପ୍ତ କରିଥାଏ। ଏଫ୍‌ଆଇୟୁ-ଇଣ୍ଡ ଏକ ସ୍ୱାଧୀନ ସଂସ୍ଥା ଯେ କି ଆର୍ଥିକ ଇଣ୍ଟେଲିଜେନ୍ସ ପରିଷଦକୁ ସିଧାସଳଖ ରିପୋର୍ଟ କରିଥାଏ। ଗତ ମାସରେ, ଭାରତ ଏବଂ କତାରର ଏଫଆଇୟୁ ଦୁଇ ସଂଗଠନ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ସହ ମନି ଲଣ୍ଡରିଂ ତଥା ଆତଙ୍କବାଦ ପାଣ୍ଠିର ମୁକାବିଲା ପାଇଁ ପରସ୍ପରକୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।



- ୪୬୧ କେଜିର ନିଶାଦ୍ରବ୍ୟ ଜବତ
- ୯୮୩ କୋଟିର ସମ୍ପତ୍ତି ଜବତ

# ଟିଭିଏସ୍ ଆଇକ୍ୟୁବ୍ 'ମିଡ୍‌ନାଇଟ୍ କାର୍ନିଭାଲ୍' ଆରମ୍ଭ

**ନୂଆଦିଲ୍ଲୀ,୧୩।୧୨(ସମିସ):** ଟିଭିଏସ୍ ମୋଟର କମ୍ପାନୀ ଏହାର ଲୋକପ୍ରିୟ ଇଭି ଟିଭିଏସ୍ ଆଇକ୍ୟୁବ୍‌ର ୪,୫୦,୦୦୦ରୁ ଅଧିକ ବିକ୍ରିକୁ ପାଳନ କରିବା ଲାଗି 'ଟିଭିଏସ୍ ଆଇକ୍ୟୁବ୍ ମିଡନାଇଟ୍ କାର୍ନିଭାଲ'ର ଶୁଭାରମ୍ଭ କରାଯାଇଛି। ଏହା ସାରା ଦେଶରେ ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ ଓ ରିୱାର୍ଡିଂ ଅନୁଭୂତି ପ୍ରଦାନ କରିବ। ଏହି ୧୦ ଦିନିଆ କାର୍ଯ୍ୟକ୍ରମ ୨୦୨୪ ଡିସେମ୍ବର ୧୨ର ରାତି ୧୨ରୁ ଆରମ୍ଭ ହୋଇ ଡିସେମ୍ବର ୨୨ ରାତି ୧୧ଟା ୫୯ ପର୍ଯ୍ୟନ୍ତ ଚାଲିବ। ଟିଭିଏସ୍ ଆଇକ୍ୟୁବ୍ ଉପରେ ଗ୍ରାହକଙ୍କୁ ୧୦୦ ପ୍ରତିଶତ କ୍ୟାଶବ୍ୟାକ୍‌ର ବିଶେଷ ସୁଯୋଗ ମିଳିବ। ଏହି ଅଭିଯାନର ଅଂଶ ସ୍ୱରୂପ, ଏହି ଅବଧି ମଧ୍ୟରେ ଟିଭିଏସ୍ ଆଇକ୍ୟୁବ୍ କିଣୁଥିବା ଗ୍ରାହକମାନଙ୍କ ମଧ୍ୟରୁ ଜଣେ ବିଜେତାଙ୍କୁ ଚୟନ କରାଯିବ ଓ ତାଙ୍କ କ୍ରୟକୁ ସମ୍ପୂର୍ଣ୍ଣ ମାଗଣା କରାଯିବ। ଏହି ଅଭିଯାନ



ଟିଭିଏସ୍ ଆଇକ୍ୟୁବ୍‌ର ଅଫିସିଆଲ୍ ୱେବସାଇଟ୍ ଓ ଡିଲରଶିପ୍‌ରେ ଉପଲବ୍ଧ ହେବ ଯାହା ଫଳରେ ସମସ୍ତେ ଏଥିରେ ଭାଗ ନେଇପାରିବେ। ଏଥିରେ ସର୍ତ୍ତ ହେଉଛି ଏହି ଅବଧି ଭିତରେ ସେମାନଙ୍କୁ କ୍ରୟ କାର୍ଯ୍ୟ ସମ୍ପନ୍ନ କରିବାକୁ ପଡ଼ିବ। ଅତିରିକ୍ତ ଭାବରେ, ଗ୍ରାହକମାନେ ଟିଭିଏସ ଆଇକ୍ୟୁବ୍ ୩.୪ କେଡବଲ୍ୟୁଏଚ୍ ପାଇଁ ୫ ବର୍ଷ / ୫୦,୦୦୦ କିମି ପର୍ଯ୍ୟନ୍ତ ଏବଂ ଟିଭିଏସ ଆଇକ୍ୟୁବ୍ ୨.୨ କେଡବଲ୍ୟୁଏଚ୍ ରେ ୫ ବର୍ଷ / ୭୦,୦୦୦ କିମି ପର୍ଯ୍ୟନ୍ତ ମାଗଣା ବର୍ଦ୍ଧିତ ୱାରେଣ୍ଟି ଅନ୍ତର୍ଭୂକ୍ତ କରି ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ସୁବିଧା ପାଇପାରିବେ।

# ମାଗଣା ୱାଇ-ଫାଇ ସେବା କାହା ପାଇଁ?

ଭୁବନେଶ୍ୱର, ୧୩।୧୨(ସମିସ): ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ବାଣ୍ଟୁଛି ମାଗଣା ଇଣ୍ଟରନେଟ୍ ସେବା। ୱାଇ-ଫାଇ ମାଧ୍ୟମରେ ଲୋକଙ୍କୁ ମାଗଣା ଇଣ୍ଟରନେଟ୍ ସେବା ଯୋଗାଇ ଦିଆଯାଉଛି। ହେଲେ ଏହି ମାଗଣା ସେବା କେଉଁଠି ମିଳୁଛି। ଲୋକେ ତାହାର ଠିକଣା ଖୋଜିଖୋଜି ପାଉନାହାନ୍ତି। କାରଣ ସ୍ମାର୍ଟ ସିଟି ୱାଇ-ଫାଇର ରାଉଟର କେଉଁଠି ଲଗାଇଛି କେହି ଜାଣିନାହାନ୍ତି। କୌଣସି ସ୍ଥାନରେ ସାଇନ୍‌ଏଜ୍‌ଟିଏ ବି ଦେଖିବାକୁ ମିଳୁନାହିଁ। ଜରୁରିକାଳୀନ ପରିସ୍ଥିତିରେ ଲୋକେ ଏବେ ଏହି ସେବା ଆବଶ୍ୟକ କରୁଥିଲାବେଳେ ସାଇନ୍‌ଏଜ୍ ନ ଥିବା ଯୋଗୁଁ ଲୋକ ହଇରାଣ ହେଉଛନ୍ତି। ତାଙ୍କ କାମ ହୋଇପାରୁ ନାହିଁ। ଏପରିକି ଏଭଳି ସେବା ସହରରେ ଉପଲବ୍ଧ ଅଛି କି ନାହିଁ ତାହା ବି ଅଧିକାଂଶ ଲୋକ ଜାଣିନାହାନ୍ତି। ଏହି ସେବା କାହାକୁ ମାଗଣା ଇଣ୍ଟରନେଟ୍ ଯୋଗାଉଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

ଅଭିଷେକ୍ ଆଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ପାହାଳରୁ ମାଷ୍ଟରକ୍ୟାଣ୍ଟିନ୍ ତାଙ୍କ ସମ୍ପର୍କୀୟଙ୍କୁ ଆଣିବାକୁ ଷ୍ଟେସନ ଯାଇଥିଲେ। ହେଲେ ରାତି ୧୨ଟାରେ ରାସ୍ତାରେ ଯାଉଥିଲାବେଳେ ତାଙ୍କ ଫୋନ୍‌ର ରିଚାର୍ଜ ସରିଗଲା। ତେଣୁ ସମ୍ପର୍କୀୟଙ୍କୁ ଫୋନ୍ କଲ୍ କରି ନ ପାରି ବ୍ୟସ୍ତ ହେଉଥିଲେ। ତାଙ୍କୁ ମାତ୍ର ୨ ମିନିଟ୍ ପାଇଁ ଇଣ୍ଟରନେଟ୍‌ର ଆବଶ୍ୟକ ଥିଲା। ଯାହା ଫଳରେ ଫୋନ୍ ପେ’ କିମ୍ବା ଗୁଗଲ୍ ପେ’ ବ୍ୟବହାର କରି ରିଚାର୍ଜ କରିପାରିଥାନ୍ତେ। ହେଲେ ସ୍ମାର୍ଟ ସିଟିର ଏହି ମାଗଣା ସେବା ରାଜଧାନୀର କେଉଁ ସ୍ଥାନରେ ଉପଲବ୍ଧ ରହିଛି ଜାଣି ନ ଥିବାରୁ ସେ ବାଧ ହୋଇ ବହୁ ଲୋକଙ୍କୁ ହଟ୍‌ସ୍ପଟ୍ ମାଗିଥିଲେ। ୪ ଜଣଙ୍କୁ ହଟ୍‌ସ୍ପଟ୍ ପାଇଁ ଅନୁରୋଧ କରିବା ପରେ ଯାଇ ୫ମ ବ୍ୟକ୍ତି ରାଜି ହୋଇ ହଟ୍‌ସ୍ପଟ୍ ଦେଇଥିଲେ। ଶେଷରେ ରିଚାର୍ଜ କରି ତାଙ୍କ ସମ୍ପର୍କୀୟଙ୍କୁ ଫୋନ୍ କଲ୍ କରିଥିଲେ। ସେହିପରି ଖୋର୍ଦ୍ଧାରୁ କ୍ୟାପିଟାଲ ହସ୍ପିଟାଲ ଆସିଥିବା ରାକେଶ ନାୟକଙ୍କ ମୋବାଇଲ୍ ଡାଟା ସରିଯିବାରୁ ସେ ଅନ୍‌ଲାଇନ୍‌ରେ ଘରକୁ ଟଙ୍କା ପଠାଇପାରୁ ନ ଥିଲେ। ବହୁ ଲୋକଙ୍କୁ ହଟ୍‌ସ୍ପଟ୍ ମାଗିବା ପରେ ଶେଷରେ ଡାଟା ରିଚାର୍ଜ କରି ଟଙ୍କା ପଠାଇଥିଲେ। ସ୍ମାର୍ଟ ସିଟିର ମାଗଣା ଇଣ୍ଟର୍‌ନେଟ୍ ସେବା ହସ୍ପିଟାଲ ନିକଟରେ ଉପଲବ୍ଧ ରହିଥିଲେ ଅସୁବିଧା ସମୟରେ ତାଙ୍କୁ କାହାରିକୁ ଗୁହାରି କରିବାକୁ ପଡ଼ି ନ ଥାନ୍ତା ବୋଲି ଶ୍ରୀ ନାୟକ କହିଛନ୍ତି।

## ସାଇନ୍‌ଏଜ୍ ନାହିଁ, ଠିକଣା ଖୋଜୁଛନ୍ତି ୟୁଜର୍ସ

ରାଜଧାନୀରେ ମୋଟ୍ ୫୧୮ଟି ସ୍ଥାନରେ ମାଗଣା ୱାଇ-ଫାଇ ସେବା ଉପଲବ୍ଧ ରହିଛି। ରାଉଟର ଲାଗିଥିବା ସ୍ଥାନର ୫୦ ମିଟର ମଧ୍ୟରେ ଜଣେ ବ୍ୟକ୍ତି ଏହି ସେବା ପାଇପାରିବ। ସ୍ମାର୍ଟ ସିଟିର ଏହି ଯୋଜନା ଅନୁଯାୟୀ, ପ୍ରତ୍ୟେକ ବ୍ୟକ୍ତି ଦୈନିକ ୫୧୨ ଏମ୍‌ବି ଡାଟା ମାଗଣାରେ ବ୍ୟବହାର କରିପାରିବେ। ଏହାସହିତ ୱାଇ-ଫାଇର ସ୍ପିଡ୍ ମଧ୍ୟ ୩୦ ଏମ୍‌ବିପିଏସ୍ ରହୁଛି। ରାଜଧାନୀବାସୀଙ୍କୁ ଏଭଳି ସେବା ଯୋଗାଇଦେବା ପାଇଁ ପ୍ରତ୍ୟେକ ମାସରେ ସ୍ମାର୍ଟ ସିଟି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛି। କିଛି ବର୍ଷ ତଳେ ମାଗଣା ଇଣ୍ଟରନେଟ୍ ସେବା ମିଳୁଥିବା ସ୍ଥଳରେ ଲୋକଙ୍କ ଭିଡ଼ ହେଉଥିଲା। ହେଲେ ଏବେ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଏବଂ ଡାଟା ମୂଲ୍ୟ ଶସ୍ତା ଯୋଗୁଁ ମାଗଣା ଇଣ୍ଟରନେଟ୍ ମିଳୁଥିବା ସ୍ଥାନରେ ଲୋକେ ଆଉ ଭିଡ଼ ଜମାଉନାହାନ୍ତି। ମାଗଣା ସେବାକୁ କେବଳ ଜରୁରିକାଳୀନ ପରିସ୍ଥିତିରେ ବ୍ୟବହାର କରିବାକୁ ଚାହୁଁଛନ୍ତି। ହେଲେ ସାଇନ୍‌ଏଜ୍ ବ୍ୟବସ୍ଥା ନ ରହିଲେ କିମ୍ବା କେଉଁଠି ଏଭଳି ସେବା ଉପଲବ୍ଧ ହେଉଛି ଜଣେ ନ ଜାଣିଲେ; ସେ ଜରୁରୀ ପରିସ୍ଥିତିରେ ଏହି ସେବାର ଲାଭ କିପରି ଉଠାଇପାରିବେ ବୋଲି ପ୍ରଶ୍ନ ଉଠିଛି। ପ୍ରାରମ୍ଭରୁ ଲକ୍ଷାଧିକ ଲୋକ ଏହି ସେବାକୁ ବ୍ୟବହାର କରୁଥିଲେ। ହେଲେ ଏବେ ଦୈନିକ ମାତ୍ର ୧୭୦୦ ୟୁଜର୍ସ ଏହି ସେବା ବ୍ୟବହାର କରୁଛନ୍ତି। ଏହାର ସ୍ପିଡ୍ ମଧ୍ୟ କମ୍ ରହୁଛି ବୋଲି ଅନେକ ସମୟରେ ଅଭିଯୋଗ ହେଉଛି। ସେହିପରି ୱାଇ-ଫାଇର ରାଉଟର ମଧ୍ୟ ଅତ୍ୟାବଶ୍ୟକୀୟ ସ୍ଥାନରେ ଲଗାଯାଇନାହିଁ। ବିଭିନ୍ନ ସରକାରୀ ହସ୍ପିଟାଲ, ଜନଗହଳି ସ୍ଥଳରେ ଏହି ସେବା ଅତ୍ୟନ୍ତ ଜରୁରୀ। ସେହିପରି ଲାଇବ୍ରେରୀ, କଲେଜ ନିକଟସ୍ଥ ଅଞ୍ଚଳରେ ଏହି ସେବା ଯୋଗାଇଦେଲେ ଛାତ୍ରଛାତ୍ରୀମାନେ ମାଗଣା ଇଣ୍ଟରନେଟ୍ ସେବା ବ୍ୟବହାର କରିପାରିବେ। ଏହାସହ ୟୁଜର୍ସ ସଂଖ୍ୟା ମଧ୍ୟ ବଢ଼ିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# କିଟ୍‌ରେ ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୧୨(ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଏହି ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଓଡ଼ିଶାର ସିନେ କଳାକାର ଜଗତକୁ ପ୍ରେରଣା ଯୋଗାଇବ। ପ୍ରଯୋଜକ ବିପୁଲ ଅମୃତଲାଲ୍ ଶାହା ଆମ ଦେଶରେ ବହୁ ପ୍ରତିଭା ଲୁକ୍କାୟିତ ହୋଇ ରହିଛନ୍ତି, ବିଶେଷ କରି ଓଡ଼ିଶାରେ ବହୁ ପ୍ରତିଭା ରହିଥିବା ମୁଁ ଏଠାରେ ଦେଖିବାକୁ ପାଇଲି। ସେମାନେ ମୁଖ୍ୟସ୍ରୋତକୁ ଆସି ପାରିନାହାନ୍ତି। ଏହି ଲୁକକାୟିତ କଳାକାରମାନଙ୍କୁ ସିନେ ଜଗତର ମୁଖ୍ୟସ୍ରୋତକୁ ଆଣିବା ପାଇଁ ପ୍ରୟାସ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଚଳଚ୍ଚିତ୍ର ମହୋତ୍ସବରେ ବିଭିନ୍ନ ଭାଷାଭାଷୀ ଚଳଚ୍ଚିତ୍ର ସମ୍ପର୍କରେ ସମସ୍ତେ ଜାଣିବାର ସୁଯୋଗ ମିଳିବ ବୋଲି କହିଥିଲେ। ଏହି ମହୋତ୍ସବରେ ମୋଟ ୪୫ଟି ଅତି ଉତ୍ତମ ମାନର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ସେଥିମଧ୍ୟରେ ରହିଛି ୧୨ଟି ଫିଚର ଫିଲ୍ମ, ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର, ୫ଟି ପ୍ରାମାଣିକ ଚଳଚ୍ଚିତ୍ର ଓ ୧୦ଟି ଷ୍ଟୁଡେଣ୍ଟ ଫିଲ୍ମ। ପ୍ରଥମ ଦିନରେ ଗୁଗୁଲ୍ ମାଟ୍ରିମନି, ମୋ ବୋଉ ମୋ ଗାଁ, ବାହି ଟ୍ରେସିଂ ମାଇଁ ଆନସେଷ୍ଟରସ, ଅଣ୍ଡର ଦି ବେଡ୍, ରଚାମ୍ମା, ଶ୍ରୀକାନ୍ତ, ବାଲାଡ୍ ଅଫ୍ ଦି ମାଉଣ୍ଟେନ୍, ମଇଁ ନିଦ, ରୋଟି କୁଁ ବନାସୀ, ଅମର ଆଜ ମରେଗା, ଅଷ୍ଟୋରାଗ, ମୋନିହାରା, ଆତାତୁର, କାଇଟ୍ ଆଣ୍ଡ ଆଇ ଏବଂ ସାମ ବାହାଦୂର ଆଦି ୧୭ଟି ବିଭିନ୍ନ ଭାଷା ଓ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ୩ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ବିଶିଷ୍ଟ ପ୍ରଯୋଜକ ଅଭିଷେକ ଅଗ୍ରୱାଲ, ମାୟଙ୍କ ସିଙ୍ଘାଣିଆ, ଅଭିଷେକ ତାରାଚାନ୍ଦ ଜୈନ, ନବଜ୍ୟୋତି ବାନ୍ଦିୱାଦେକର, ଚଳଚ୍ଚିତ୍ର ନିର୍ଦ୍ଦେଶକ ତୁଷାର ହୀରାନନ୍ଦିନୀ ଓ ସାଗର ସୁନୀଲ ପୁରଣିକ, ଅଭିନେତ୍ରୀ ରୁପାଲି ସୁଦ୍, ବନ୍ୟପ୍ରାଣୀ ଚଳଚ୍ଚିତ୍ର ନିର୍ମାତା ସୁବିହା ନାଲାମୁଥୁ ଓ ଲେଖକ ରାଜ ସାଣ୍ଡିଲ୍ୟଙ୍କ ଭଳି ବହୁ ନାମୀଦାମୀ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଯୋଗ ଦେଇଛନ୍ତି। ୧୪ ଓ ୧୫ ତାରିଖରେ କିଟ୍ କ୍ୟାମ୍ପସ-୬ ଓ ୧୭ ପ୍ରେକ୍ଷାଳୟ, ତଥା ସେମିନାର ହଲ୍ରେ ଚଳଚ୍ଚିତ୍ର ସବୁ ପ୍ରଦର୍ଶନ ହେବ। କିଟ୍ ଫିଲ୍ମ, ଫେସନ ଓ ମି?ଆ ଷ୍ଟଡିଜ୍ ସ୍କୁଲର ମହାନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆଙ୍କ ତତ୍ତ୍ୱାବଧାନରେ ଏହି ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ ଓଡ଼ିଶା ସିନେ ଜଗତର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ।

## ‘ମୋ ବୋଉ ମୋ ଗାଁ’ ଚଳଚ୍ଚିତ୍ର ପ୍ରଦର୍ଶିତ

### ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷ ଲକ୍ଷ୍ୟ

# ସହାୟତ ଯୋଗାଇବ ୟୁନିକ୍ ଇନ୍‌ଫୋ ସଲ୍ୟୁସନ

ଭୁବନେଶ୍ୱର, ୧୩।୧୨(ସମିସ): ଗୋଟିଏ ସ୍ଥାନରେ ରହିବ ଛାତ୍ରଛାତ୍ରୀଙ୍କ ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର। ଏଥିପାଇଁ କେନ୍ଦ୍ର ସରକାର ଆପାର ଆଇଡି ଆରମ୍ଭ କରିଛନ୍ତି। ବିଦ୍ୟାଳୟ ସ୍ତରରୁ ଏହାକୁ ଖୋଲିବା ପାଇଁ ଜୋର ଦେଉଛନ୍ତି। ଡିଜିଟାଲାଇଜେସନ୍ ମାଧ୍ୟମରେ ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ସହ ଅନ୍ୟ ଶୈକ୍ଷିକ ତଥ୍ୟ ରହିବ।




ସେହିପରି ଆୟୁଷ୍ମାନ ଭାରତ ଡିଜିଟାଲ ମିଶନରେ ଡିଜିଟାଲ ସ୍ୱାସ୍ଥ୍ୟ ଇକୋସିଷ୍ଟମ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ମେଡିକାଲ ତଥ୍ୟ ଯେପରିକି ପ୍ରେସକ୍ରିପସନ୍ ଓ ଚିକିତ୍ସା ତଥ୍ୟ ସଂରକ୍ଷିତ ରହିବ। ଫଳରେ ସ୍ୱଳ୍ପ ସମୟରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇହେବ। ଏହି ଦୁଇଟି ଇ-ଗଭର୍ଣ୍ଣାନ୍ସର ଉପାଦେୟତା ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ୟୁନିକ୍ ଇନ୍‌ଫୋ ସଲ୍ୟୁସନ୍ସ ଦାୟିତ୍ୱ ନେଇଛି। ବୈଷୟିକ ସହାୟତା ସହ ବିଭିନ୍ନ ଦ୍ୱନ୍ଦ ଦୂର କରିବାକୁ ତ୍ୱରାନ୍ୱିତ କରିବ ବୋଲି ଶୁକ୍ରବାର ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ୟୁନିକ୍ ଇନ୍‌ଫୋ ସଲ୍ୟୁସନ୍ସର ପ୍ରତିଷ୍ଠାତା ପ୍ରକାଶ ଶାହା। ଗଭର୍ଣ୍ଣମେଣ୍ଟ ଟୁ ସିଟିଜେନ (ଜି୨ସି) କାର୍ଯ୍ୟକ୍ରମକୁ ଏହା ଅଧିକ ସଫଳ କରିପାରିବ। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦେଶକୁ ଉତ୍କର୍ଷତା ହାସଲ କରିବାକୁ ଏହା ପ୍ରକୃଷ୍ଟ ମାଧ୍ୟମ। ସରକାର ଓ ନାଗରିକଙ୍କ ମଧ୍ୟରେ ଥିବା ଦୂରତାକୁ ନିଜର ବୈଷୟିକ ଜ୍ଞାନ କୌଶଳ ଉପଯୋଗ କରି ଦକ୍ଷ ଗଭର୍ଣ୍ଣାନ୍ସ ମଡେଲ ବିକଶିତ କରିବାକୁ ଲକ୍ଷ୍ୟ ରହିଥିବା ଶ୍ରୀ ଶାହା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଚିଫ୍ ଟେକ୍ନୋଲୋଜି ଅଫିସର ମନିଷ କୁମାର ବନିଆ, ଅପରେସନ ବିଭାଗର ଉପାଧ୍ୟକ୍ଷ ଫରିଦ ହକ ଏବଂ ଷ୍ଟେଟ ଆସୋସିଏଟ ଜୟପ୍ରକାଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଖାଦ୍ୟ ଷ୍ଟଲ୍, ରେସ୍ତୋରାଁରେ ଚଢ଼ଉ



ଭୁବନେଶ୍ୱର, ୧୩।୧୨(ସମିସ) : କିଟ୍ ଛକ ନିକଟରେ ଥିବା ରନ୍ଧା ଖାଦ୍ୟ ଷ୍ଟଲ, ରେସ୍ତୋରାଁ ଏବଂ ଖାଦ୍ୟ ପରଷୁଥିବା ଦୋକାନ ଗୁଡ଼ିକ ଉପରେ ବିଏମ୍‌ସିର ବ୍ୟାପକ ଚଢ଼ଉ ହୋଇଛି। ଏଥିରେ ବିଏମ୍‌ସି ପ୍ରାଧିକୃତ ଅଧିକାରୀ, ଫୁଡ୍ ସେଫଟି ଟିମ୍‌ଙ୍କ ସହ ଟିମ୍ ସାଇନ୍ ମଧ୍ୟ ସାମିଲ ହୋଇଥିଲା। କିଛି ଦୋକାନୀ ଅସ୍ୱାସ୍ଥ୍ୟକର ଏବଂ ବାସି ଖାଦ୍ୟ ପରଷୁଥିଲା ବେଳେ ଧରାପଡ଼ିଥିଲେ। ଖାଦ୍ୟମାନ ଠିକ୍ ନ ଥିଲା ବେଳେ ଦୋକନ ଗୁଡ଼ିକ ପରିଚ୍ଛନ୍ନତା ଯାଞ୍ଚରେ ବି ଫେଲ୍ ମାରିଥିଲେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରନ୍ଧା ଖାଦ୍ୟ ପରଷୁଥିବା ୪୦ରୁ ଊର୍ଦ୍ଧ୍ୱ ଦୋକନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏମାନଙ୍କ ଠାରୁ ୮ ହଜାର ଟଙ୍କା ଫାଇନ୍ ଆଦାୟ କରାଯାଇଛି। ଟିମ୍ ଦ୍ୱାରା ସଂଗୃହୀତ ଖାଦ୍ୟର ନମୁନା ଯାଞ୍ଚ ପାଇଁ ପଠାଯାଇଥିବାବେଳେ ଖାଦ୍ୟ ବ୍ୟବସାୟୀଙ୍କୁ ନୋଟିସ୍ କରାଯାଇଛି। ଆଗାମୀ ଦିନରେ ରାଜଧାନୀରେ ଖାଦ୍ୟ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

# ସୁରତରଙ୍ଗ ପକ୍ଷରୁ ‘କୁଛ୍ ନା କହୋ’

## ଜଲୱା ଦେଖାଇଲେ ଜୁନିୟର କୁମାର ସାନୁ

ଭୁବନେଶ୍ୱର୧୩।୧୨(ସମିସ): ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୁର୍ ତରଙ୍ଗର ୩୧ତମ ବାର୍ଷିକ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ମୁରଲୀ ଶର୍ମା, ବିଭୂତି ପଟ୍ଟନାୟକ, ସଭାପତି ସମୀର ମହାନ୍ତି ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରିୟରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲିଉଡ୍‌ର ପ୍ରସିଦ୍ଧ କଣ୍ଠଶିଳ୍ପୀ କୁମାର ସାନୁଙ୍କ ଚିର ସବୁଜ ସଙ୍ଗୀତକୁ ନେଇ ସଙ୍ଗୀତ ଆସର ‘କୁଛ୍ ନା କହୋ’ ପରିବେଷଣ କରାଯାଇଥିଲା। ତେବେ ସନ୍ଧ୍ୟାର ଆକର୍ଷଣ ସାଜିଥିଲେ ବଲିଉଡର ଜୁନିୟର କୁମାର ସାନୁ। ସୋଚେଙ୍ଗେ ତୁମ୍ହେ ପ୍ୟାର..., ସାଁସୋ କି ଜରୁରତ..., କିତ୍‌ନା ହସିନା




ଚେହରା..., ଏକ୍ ଲଡକି କୋ ଦେଖା... ଆଦି ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ସେ କଣ୍ଠଶିଳ୍ପୀ ବିଟୁ, ସ୍ମରଣିକା, ତନୁଶ୍ରୀ, ପ୍ରତିଭା, ତନୟା, ରିତିକା, ସାନୟାଙ୍କ ସହିତ ମିଶି ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀଙ୍କୁ ‘ସୁରତରଙ୍ଗ ଶୀର୍ଷ ସମ୍ମାନ-୨୦୨୪’ ପ୍ରଦାନ କରାଯାଇଥିଲା। ଏହାସହିତ ଅନ୍ୟମାନଙ୍କୁ ‘ସୁରତରଙ୍ଗ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆରତି ପଣ୍ଡା ଓ ଗୁଲସନ୍ ନଦୀମ୍ ସଂଯୋଜନା କରିଥିଲେ।

# ପ୍ରତିଶ୍ରୁତି ପରେ ଅଙ୍ଗନବାଡ଼ି କର୍ମୀଙ୍କ ଧାରଣା ସ୍ଥଗିତ

ଭୁବନେଶ୍ୱର, ୧୩।୧୨(ସମିସ): ଅଙ୍ଗନବାଡ଼ି କର୍ମଚାରୀ ୟୁନିଅନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଓଡ଼ିଶା ସରକାରଙ୍କଠାରେ ଉପସ୍ଥାପିତ କରାଯାଇଥିବା ୧୫ଦଫା ଦାବି ପୂରଣ ନହେଲେ ୧୯ ଡିସେମ୍ବର ଠାରୁ ରାଜଧାନୀରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଗଣଧାରଣା ହେବ ବୋଲି ଚେତାବନୀ ଦିଆଯାଇଥିଲା। ଶୁକ୍ରବାର ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଙ୍ଗନବାଡ଼ି କର୍ମଚାରୀ ୟୁନିଅନ ସଂଯୁକ୍ତ ମୋର୍ଚ୍ଚାର ଘଟକ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ, ପଶ୍ଚିମ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘ ଏବଂ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ୱାର୍କର ଆଣ୍ଡ ହେଲପର ଆସୋସିଏସନ କର୍ମକର୍ତ୍ତାଙ୍କୁ ଲୋକସେବା ସଦନକୁ ଡକାଇ ଆଲୋଚନା କରାଯାଇଥିଲା। ଆଲୋଚନା ପରେ ସକାରାତ୍ମକ ପ୍ରତିଶ୍ରୁତି ମିଳିବା ପରେ ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ପକ୍ଷରୁ ବିଭାଗୀୟ ନିର୍ଦ୍ଦେଶକ ମନୀଷା ବାନାର୍ଜୀ, ଅତିରିକ୍ତ ଶାସନ ସଚିବ ଜ୍ୟୋତିରଞ୍ଜନ ନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ସାଧାରଣ ସମ୍ପାଦକ ହରପ୍ରିୟା ସ୍ୱାଇଁ, ଉପସାଧାରଣ ସମ୍ପାଦକ ବିଷ୍ଣୁପ୍ରିୟା ଜେନା, ପ୍ରତିଭା ପାଲ ଓ ମମତାଜ ଖୁଣ୍ଟିଆ, ଲକ୍ଷ୍ମୀପ୍ରିୟା ମହାପାତ୍ର, ସୁକାନ୍ତି ପରିଡ଼ା, ପଶ୍ଚିମ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘର ପ୍ରଭାସିନୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥାଇ ଦାବିପତ୍ର ଉପରେ ଆଲୋଚନା କରିଥିଲେ।

ଅନ୍‌ଲାଇନ୍ ଭିଡିଓ ମାଧ୍ୟମରେ କେନ୍ଦ୍ରର ଫଟୋ କ୍ୟାପ୍‌ଚର ସହିତ ଅପ୍‌ଲୋଡ ସମସ୍ୟା ହେଉଥିବାରୁ ସ୍କିପ୍ ଅପସନ୍‌କୁ ବ୍ୟବହାର କରାଯାଇପାରିବ। ସମ୍ପ୍ରତି ବ୍ୟବହାର ହେଉଥିବା ଏଲ୍‌ଜି କମ୍ପାନୀର ନିମ୍ନମାନର ମୋବାଇଲ ପରିବର୍ତ୍ତେ ଖୁବ୍‌ଶୀଘ୍ର ଉନ୍ନତ ଗୁଣମାନର ମୋବାଇଲ କିଣିବା ପାଇଁ ଅଙ୍ଗନବାଡ଼ି କର୍ମୀଙ୍କ ଆକାଉଣ୍ଟକୁ ଟଙ୍କା ପ୍ରଦାନ ସମ୍ପର୍କରେ ବିଚାରାଧୀନ ଅଛି। ମାତ୍ର ଏହା କେନ୍ଦ୍ରସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ମୋବାଇଲ ନେଟ୍ ପ୍ୟାକ୍, ଅଣ୍ଡା ପାଇଁ ବର୍ଦ୍ଧିତ ଦେୟ, ମାସିକ ଭତ୍ତା ୨୬ହଜାର ଟଙ୍କା ଦାବି ସମ୍ପର୍କରେ ଆଲୋଚନା, ଅଙ୍ଗନବାଡ଼ି କର୍ମୀଙ୍କୁ ମାସିକ ୧୨ହଜାର ଓ ସହାୟିକାଙ୍କୁ ୮ହଜାର ହାରରେ କେବେ ଠାରୁ ଦେବେ ତାହା ବିଚାରାଧୀନ ଅଛି ବୋଲି ସୂଚନା ମିଳିଥିଲା। ସେହିପରି ମୃତ୍ୟୁକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କାକୁ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନା ସହ ପ୍ରତିଶ୍ରୁତି ମିଳିବା ପରେ ଗଣଧାରଣାକୁ ସ୍ଥଗିତ ରଖିବା ପାଇଁ ଅଙ୍ଗନୱାଡି କର୍ମଚାରୀ ୟୁନିଅନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ସୂଚନା ଦିଆଯାଇଛି।

### ଏଜି ଦ୍ୱିତୀୟ ମହଲାରେ ନିଆଁ

# ବିପର୍ଯ୍ୟୟ ମୁକାବିଲା କୌଶଳ ଶିଖିଲେ କର୍ମଚାରୀ

ଭୁବନେଶ୍ୱର, ୧୩।୧୨(ସମିସ): ଆଜି ମାଧ୍ୟାହ୍ନରେ ଏଜି ଅଫିସର ଦ୍ୱିତୀୟ ମହଲାରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗି ଯାଇଥିଲା। ଫଳରେ ସାଇରନ ବାଜି ଉଠିଥିଲା। ସାଇରନ୍ ଶୁଣି ଏକାଧିକ କର୍ମଚାରୀ ବାହାରକୁ ଦୌଡ଼ି ପଳାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଓ ବେସାମରିକ ପ୍ରତିରକ୍ଷା ସଂଗଠନ ଓ ସେଣ୍ଟ ଜନ ଆମ୍ବୁଲାନ୍ସ ପହଞ୍ଚି ଯାଇଥିଲା। ତତ୍କାଳ ଏଜି ଆମ୍ବୁଲାନ୍ସ ଡିଭିଜନର ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀ ଅଗ୍ନି ନିର୍ବାପକ ଯନ୍ତ୍ର ସହ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଦମକଳ ବାହିନୀ ସହ ରାଜ୍ୟ ସିଭିଲ ଡିଫେନ୍ସ ବାହିନୀ ପହଞ୍ଚି ମିଳିତ ଅନୁସନ୍ଧାନ, ଉଦ୍ଧାର, ପ୍ରାଥମିକ ଚିକିତ୍ସା କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିସହିତ ଆହତଙ୍କୁ ଆମ୍ବୁଲାନ୍ସରେ ତତ୍କାଳ ଡାକ୍ତରଖାନା ପଠା ଯାଇଥିଲା। ଏହା ଥିଲା ଏକ ପରୀକ୍ଷାମୂଳକ ସତର୍କତା କାର୍ଯ୍ୟକ୍ରମ। ଓଡ଼ିଶା ପ୍ରତ୍ୟେକ ବର୍ଷ କିଛି ନା କିଛି ବଡ଼ ଧରଣର ପ୍ରାକୃତିକ ବିପର୍ଯ୍ୟୟ ଯଥା ଅଂଶୁଘାତ, ବଜ୍ରପାତ, ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥାଏ। ସେଥିପାଇଁ ଏଜି କାର୍ଯ୍ୟାଳୟର କର୍ମଚାରୀଙ୍କୁ ସମୟୋଚିତ ପଦକ୍ଷେପ ନେବା, ବିପର୍ଯ୍ୟୟ ପରିଚାଳନା, ରିଲିଫ, ଉଦ୍ଧାର କରିବାର କାର୍ଯ୍ୟଶୈଳୀ ଓ ଯୋଜନା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ସମନ୍ୱୟ ସ୍ଥାପନ ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଜି କାର୍ଯ୍ୟାଳୟ ଓ ଏଜି ଆମ୍ବୁଲାନ୍ସ ଡିଭିଜନ ଦ୍ୱାରା ଦୀର୍ଘ ୪୦ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଅଛି। ପ୍ରଧାନ ମହାଲେଖାକାର ଶ୍ରୀ ଡି. ସାହୁ କହିଥିଲେ ବିଦେଶରେ ମୁଁ ଏହିଭଳି ଡ୍ରିଲ ଦେଖିଛି କିନ୍ତୁ ଭାରତ ବର୍ଷରେ ବିପର୍ଯ୍ୟୟ ପ୍ରଶମନ ପାଇଁ ଏଭଳି ତାଲିମ କାର୍ଯ୍ୟକ୍ରମ ଦେଖିବା ମୋ ପାଇଁ ପ୍ରଥମ। ଏହି ଅଭ୍ୟାସ ଡ୍ରିଲ୍‌ବେଳେ ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ଉପ ମହାଲେଖାକାର ହେମେନ୍ଦ୍ର ସିଂହ, ଭାର୍ଗବ ରାମ, ସୁଶ୍ରୀ ଅଭିରୁଚି କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା, ଶରତ କୁମାର ନାୟକ ଓ ଏଜି ରିକ୍ରେସନ କ୍ଲବର ସମ୍ପାଦକ ଭି. ଆନନ୍ଦ ଭଟ ଉପସ୍ଥିତ ଥିଲେ। ସେଣ୍ଟ ଜନ ଏଜି ଡିଭିଜନ ସ୍ୱେଚ୍ଛାସେବୀମାନଙ୍କ ସହ ଭୁବନେଶ୍ୱର ସିଟି ଅଗ୍ନିଶମ ବିଭାଗ ନିର୍ଭୁଲ ଭାବେ ଆହତଙ୍କ ଉଦ୍ଧାର, ସ୍ଥାନାନ୍ତର ଓ ପ୍ରାଥମିକ ଚିକିତ୍ସା ପ୍ରଦାନ ସହ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇବାକୁ ସହାୟତା କରିଥିଲେ। ଏହାକୁ ଏଜି ଡିଭିଜନର ମୁଖ୍ୟ ପୁରୁଷୋତ୍ତମ ବଳ, ଡ଼ ନମିତା ପଟ୍ଟନାୟକ, ଡ଼ ବିକ୍ରମ ମହାନ୍ତି, ଅଗ୍ନିଶମ ବିଭାଗର ସହକାରୀ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ରାଉତ, ଜ୍ଞାନ ରଞ୍ଜନ ବେହେରା ଓ ତାଙ୍କ ଟିମ ଏହି ମକ ଡ୍ରିଲକୁ ପରିଚାଳନା କରିଥିଲେ।



### ପଠାଣି ସାମନ୍ତଙ୍କ ୧୯୦ତମ ଜୟନ୍ତୀ

# ‘ସିଦ୍ଧାନ୍ତ ଦର୍ପଣ ପାଣ୍ଡୁଲିପି ଇଂଲଣ୍ଡରୁ ଫେରାଇ ଅଣାଯାଉ’

ଭୁବନେଶ୍ୱର/ନୟାଗଡ଼, ୧୩।୧୨(ସମିସ): ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମହାନ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ୧୯୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ପଠାଣି ସାମନ୍ତ ଅଡିଟୋରିୟମଠାରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ସଂସ୍କୃତି ଅଧିକାରୀ ସୁଜାତା କୁମାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ପୁରୁଣା ସହର ଜଗନ୍ନାଥ ମନ୍ଦିର ଯଦୁମଣି ମଣ୍ଡପଠାରେ ଅନୁଷ୍ଠାନର ଜୟନ୍ତୀ ପାଳନ ପୂର୍ବକ ୩୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଶ୍ରୀ ପଟ୍ଟନାୟକ ଅଭିଭାଷଣ ରଖିବା ସହ ପଠାଣି ସାମନ୍ତଙ୍କ ଜନ୍ମ ତାରିଖକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର କରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ। ପଠାଣି ସାମନ୍ତଙ୍କ ନାମରେ ମହାକାଶ ଯାନ ନାମିତ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି ରଖିଥିଲେ। ପଠାଣି ସାମନ୍ତଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ଓ ନୋବେଲ ପୁରସ୍କାର ପ୍ରଦାନ କରାଯିବା ଆବଶ୍ୟକ ବୋଲି କହିଥିଲେ। ସିଦ୍ଧାନ୍ତ ଦର୍ପଣ ପାଣ୍ଡୁଲିପି ଇଂଲଣ୍ଡରୁ ଓଡ଼ିଶା ଫେରାଇ ଆଣିବା ପାଇଁ ପଦକ୍ଷେପ ନେବାକୁ ବାଚସ୍ପତିଙ୍କୁ ସେ ଅନୁରୋଧ କରିଥିଲେ।



ବିଶ୍ୱ ବିଦିତ ପଠାଣି ସାମନ୍ତଙ୍କ ଜୀବନ ଓ କୃତି ଉପରେ ବାଚସ୍ପତି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଚଳିତ ବର୍ଷର ମର୍ଯ୍ୟାଦାପୂର୍ଣ୍ଣ ‘ନୟାଗଡ଼ ଗୌରବ’ ସମ୍ମାନ ନାଟ୍ୟକାର ଏବଂ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ରାମଚନ୍ଦ୍ର ମିଶ୍ର, ନୟାଗଡ଼ ପ୍ରାକ୍ତନ ଡିଏଫ୍‌ଓ ତଥା କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି. ଧନରାଜଙ୍କୁ ‘ନୟାଗଡ଼ ବନ୍ଧୁ’ ସମ୍ମାନ, କବି ଡ. ସୁରେଶ ଚନ୍ଦ୍ର ବରାଡଙ୍କୁ ‘ଦାସିଆ ଅଜା ସାହିତ୍ୟ ସମ୍ମାନ’, ବିଜ୍ଞାନସ୍ରଷ୍ଟା ଡ. ଗିରିଜା ଶଙ୍କର ମହାପାତ୍ରଙ୍କୁ ‘ପଠାଣି ସାମନ୍ତ ପ୍ରତିଭା ସମ୍ମାନ’, ସୁ-ସାହିତ୍ୟିକା ତଥା କବି ସୁକାନ୍ତି ମହାନ୍ତିଙ୍କୁ ‘ପଠାଣି ସାମନ୍ତ ସାହିତ୍ୟ ସମ୍ମାନ’, ସ୍ୱନାମଧନ୍ୟ ଲବ୍ଧପ୍ରତିଷ୍ଠିତ ଆଇନଜୀବୀ ବୃନ୍ଦାବନ ପଣ୍ଡାଙ୍କୁ ‘ପଠାଣି ସାମନ୍ତ ଆଇନସେବା ରତ୍ନ ସମ୍ମାନ’, ସଙ୍ଗୀତ ଗୁରୁ ରଜନୀକାନ୍ତ ମହାପାତ୍ରଙ୍କୁ ‘ପଠାଣି ସାମନ୍ତ ସଙ୍ଗୀତ ପ୍ରତିଭା ସମ୍ମାନ’, ସମାଜସେବୀ ସୁଶ୍ରୀ ଉଷା ପଟ୍ଟନାୟକଙ୍କୁ ‘ପଠାଣି ସାମନ୍ତ ସେବା ସମ୍ମାନ’, କ୍ରିକେଟିୟର ତଥା କ୍ରିକେଟ ମ୍ୟାନେଜର ସଂଗ୍ରାମ କେଶରୀ ଗୁମାନସିଂଙ୍କୁ ‘ପଠାଣି ସାମନ୍ତ କ୍ରୀଡ଼ା ସମ୍ମାନ’, ପୁଜ୍ୟ ଗୁରୁଜୀ ନୀଳମାଧବ ନନ୍ଦଙ୍କୁ ‘ପଠାଣି ସାମନ୍ତ ଆଦର୍ଶ ଶିକ୍ଷକ ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କୁ ‘ନୟାଗଡ଼ ଗୌରବ’ ସମ୍ମାନ

ଆଜି ଜାତୀୟ ଶକ୍ତି ସଂରକ୍ଷଣ ଦିବସ

# 'ସଚେତନତା ବଢ଼ିଲେ ଶକ୍ତି ସଂରକ୍ଷଣ ହୋଇପାରିବ'

ଭୁବନେଶ୍ୱର, ୧୩।୧୨(ସମିସ)

ଆମ ଜୀବନଚର୍ଯ୍ୟାର ପ୍ରତିଟି କ୍ଷେତ୍ରରେ ବିଦ୍ୟୁତ ବ୍ୟବହାରର ଆବଶ୍ୟକତା କାହାକୁ ଅଛପା ନୁହେଁ। ରାତି ପାହିବା ଠାରୁ ଆରମ୍ଭ କରି ପୁଣି ରାତି ହେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ଆମେ କେତେ ଯେ ବିଦ୍ୟୁତ୍ ଉପରେ ନିର୍ଭରଶୀଳ ସେକଥା ସହଜେ ଅନୁମେୟ। ତେବେ ଶକ୍ତିର ଉତ୍ପାଦନଠାରୁ ବ୍ୟବହାର ପର୍ଯ୍ୟନ୍ତ ଯେତିକି ଶକ୍ତି ଅପଚୟ ହେଉଛି ତାହା ନକହିବା ଭଲ। ଅବହେଳା, ସଚେତନତାର ଅଭାବ ଯୋଗୁଁ ବିଭିନ୍ନ କ୍ଷେତ୍ରରେ ଶକ୍ତି ଅପଚୟ ହେଉଥିଲେ ବି ଏ ଦିଗରେ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ଫଳରେ ବହୁ ଶକ୍ତି ଅନାୟାସରେ ନଷ୍ଟ ହୁଏ। ତେଣୁ ବିଦ୍ୟୁତ୍‌ର ସୁବିନିଯୋଗ ଏବଂ ଅପବ୍ୟବହାରକୁ ବନ୍ଦ କରିବା ଆଜିର ଆହ୍ୱାନ ପାଲଟିଛି। ସର୍ବୋପରି ସଚେତନତା ବଢ଼ିଲେ ଶକ୍ତି ସଂରକ୍ଷଣ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଏ ଦିଗରେ ଉଭୟ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଓ ଗ୍ରାହକମାନଙ୍କ ପାଇଁ ଏହାର ଗୁରୁତ୍ୱ ରହିଛି।

ବିଶେଷ କରି ଦିନବେଳେ ବିଦ୍ୟୁତ୍ ଆଲୋକ ବ୍ୟବହାର ନ କରି ସୂର୍ଯ୍ୟାଲୋକ ଉପରେ ନିର୍ଭର କରିବା, ଘରେ କେହି ନ ଥିବା ବେଳେ ବତି, ପଙ୍ଖା ଓ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରକୁ ବନ୍ଦ କରିଦେବା, ଦିନବେଳେ ଷ୍ଟ୍ରିଟ୍ ଲାଇଟ୍ ଆପେ ଆପେ ବନ୍ଦ ହୋଇଯିବା ପାଇଁ ଏଥିରେ ଆଲୋକ ସଂବେଦୀ ବା ଫଟୋ ସେନ୍‌ସର ଲଗାଯିବା ଆବଶ୍ୟକ। ଗୋଟିଏ ୬୦ ୱାଟର ସାଧାରଣ ବତି ଯେତିକି ଆଲୋକ ଦେଇଥାଏ, ୮ ୱାଟ୍‌ର ଗୋଟିଏ ଏଲ୍‌ଇଡି ବତି ସେତିକି ଆଲୋକ ପ୍ରଦାନ କରିଥାଏ। ତେଣୁ ଏଲ୍‌ଇଡି ବତି ବ୍ୟବହାର କରିବା, କମ୍ ଖାଦ୍ୟ ପଦାର୍ଥ ରନ୍ଧନ ପାଇଁ କମ୍ ଇନ୍ଧନ ଉପଯୋଗ ହେଉଥିବା ସାଧାରଣ ଓଭେନ୍ ଅପେକ୍ଷା ମାଇକ୍ରୋ ଓଭେନ ବ୍ୟବହାର କରିବା, ରେଫ୍ରିଜରେଟରର ସଠିକ୍ ଉପଯୋଗ କରିବା ଫଳରେ ଅଧିକ ଶକ୍ତି ସଞ୍ଚୟ ହୋଇପାରିବ। କେବଳ ବିଦ୍ୟୁତ୍ ନୁହେଁ, ଘରୋଇ କ୍ଷେତ୍ରରୁ ଆରମ୍ଭ କରି ଶିଳ୍ପ, ଗମନାଗମନ, ଯୋଗାଯୋଗ, କୃଷି, ଚିକିତ୍ସା ଏବଂ ମନୋରଞ୍ଜନ ସବୁ କ୍ଷେତ୍ରରେ ଶକ୍ତିର ବ୍ୟବହାର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିବାବେଳେ କୋଇଲା, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ପରି ଜୀବାଶ୍ମ ଇନ୍ଧନ ଭଳି ଶକ୍ତିର ଅପଚୟକୁ ହ୍ରାସ କରିବା ଆବଶ୍ୟକ।



'ସ୍ଥିରତାକୁ ସୁଦୃଢ଼ କରିବା: ପ୍ରତି ୱାଟ୍ ଶକ୍ତି ଗୁରୁତ୍ୱ ବହନ କରେ' ବୋଲି ଚଳିତ ବର୍ଷ ଶକ୍ତି ସଂରକ୍ଷଣ ଦିବସର ପ୍ରସଙ୍ଗ ରହିଛି। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ସୂଚନା ପ୍ରଦାନ କରିଛି ଯେ ଆସନ୍ତା କିଛି ଦଶନ୍ଧି ମଧ୍ୟରେ ବିଶ୍ୱର ଶକ୍ତି ଚାହିଦା ଆହୁରି ବୃଦ୍ଧି ପାଇବ। ଏପରି ସ୍ଥିତିରେ ଶକ୍ତି ସଂରକ୍ଷଣ ଅଭ୍ୟାସ ଉପରେ ଧ୍ୟାନ ଦେବା ଅଧିକ ଗୁରୁତ୍ୱପୂର୍ଣ୍ଣ, ଯାହା ବୃଦ୍ଧି ପାଉଥିବା ଶକ୍ତି ବ୍ୟବହାରର ପରିବେଶ ପଦଚିହ୍ନକୁ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ବରିଷ୍ଠ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।

ନୌକା ବିହାର, ଟୟଟ୍ରେନ୍ ଅଚଳ

# ନନ୍ଦନକାନନରେ ପର୍ଯ୍ୟଟକ ନିରାଶ



ନନ୍ଦନକାନନ, ୧୩।୧୨(ସମିସ): ଆରମ୍ଭ ହୋଇଛି ପର୍ଯ୍ୟଟନ ଋତୁ। ଏଥିପାଇଁ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଆରମ୍ଭ ହୋଇଛି ଭିଡ଼। ବିଶେଷକରି ଏହି ଋତୁରେ ନନ୍ଦନକାନନରେ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ବଢ଼ିଥାଏ। ଏହା ପରିସରରେ ରହିଥିବା ପ୍ରାଣୀ ଉଦ୍ୟାନଠାରୁ ଆରମ୍ଭ କରି ବୋଟିଂ, ରୋପ୍‌ୱେ ସାଙ୍ଗକୁ ଟୟ ଟ୍ରେନ୍‌ର ମଜା ନେଇଥା'ନ୍ତି ପର୍ଯ୍ୟଟକ। ଚଳିତବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିବା ବେଳେ ମୁଖ୍ୟ ଆକର୍ଷଣ ସାଜିଥିବା ନୌକା ବିହାର (ବୋଟିଂ) ସେବା ସାଙ୍ଗକୁ ଟୟ-ଟ୍ରେନ୍ ଅଚଳ ହୋଇପଡ଼ିଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଶହଶହ ପର୍ଯ୍ୟଟକ ଅସନ୍ତୁଷ୍ଟ ହୋଇ ଫେରୁଥିବା ଦେଖିବାକୁ ମିଳୁଛି।

ଟୟ-ଟ୍ରେନ୍ ମରାମତି ହେଉଥିବାରୁ କିଛି ଦିନ ହେବ ବନ୍ଦ ଥିବା କୁହାଯାଉଛି। ତେବେ ଟୟ ଟ୍ରେନ୍ ଚାଲିଲା ଦିନରୁ ହିଁ ବହୁବାର ବନ୍ଦ ରହୁଛି। କାଞ୍ଜିଆ ହ୍ରଦରେ ପାଣି ଓ ଦଳ ଅଧିକ ହେବାରୁ କିଛି ମାସ ହେବ ଏହା ବନ୍ଦ ରହିଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ନୌକା ବିହାର ଚାଲୁ କରିବା ଦାୟିତ୍ୱ ନେଇଥିବା ଠିକାଦାରଙ୍କ ଯୋଗୁଁ ଏବେ ଏହା ବନ୍ଦ ପଡ଼ିଛି। ଡିସେମ୍ବରରୁ ଏହାକୁ ଚାଲୁ କରିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏହା ଚାଲୁ ହୋଇନାହିଁ। ଏ ସଂପର୍କରେ ଉପ-ନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି ଯେ ଟୟ-ଟ୍ରେନ୍ ମରାମତି କାର୍ଯ୍ୟ ଚାଲୁ ରହିଛି। ଆଉ ୨/୩ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ କରାଯିବ। ତେବେ ନୌକାବିହାର ଟେଣ୍ଡର ନେଇଥିବା ସଂସ୍ଥା ଏବେ ନୌକା ବିହାର କାର୍ଯ୍ୟକ୍ଷମ କରିବାକୁ ମନା କରିଦେଇଛି। ଏଣୁ ତାଙ୍କ ଟେଣ୍ଡର ବାତିଲ କରାଯାଇ ସାନି ଟେଣ୍ଡର ଡକାଯିବ। ଆସନ୍ତା ସୋମବାର ସୁଦ୍ଧା ଏହି ନୂଆ ଟେଣ୍ଡର ଡକାଯିବ। ଏହାପରେ ପ୍ରାୟ ଡିସେମ୍ବର ମାସ ଶେଷ ଆଡ଼କୁ ନୌକା ବିହାର ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇପାରିବ। ଅନ୍ୟପକ୍ଷରେ ସରୀସୃପ ଉଦ୍ୟାନଠାରୁ ବୋଟ୍ ଘାଟ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତା ଯୋଗୁଁ ପର୍ଯ୍ୟଟକମାନେ ଜଳହସ୍ତୀ ଖୁଆଡ଼ ଓ ରୋପ୍-ୱେ' ଆଡ଼େ ଯିବାକୁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାର୍ଯ୍ୟ ବହୁଦିନ ଧରି ଚାଲୁଥିବାରୁ ରାସ୍ତାରେ ଯିବା ସମସ୍ୟା ହେଉଛି।

## ଆସନ୍ତା ୨୨ରେ ଭଜନ ସନ୍ଧ୍ୟା 'ଦିଲ କି ବାତ୍ ସାଁୱରେ କେ ସାଥ୍'



ଭୁବନେଶ୍ୱର, ୧୩।୧୨(ସମିସ): ନାଦାନ ପରିନ୍ଦେ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଆସନ୍ତା ୨୨ରେ ସ୍ଥାନୀୟ ବିଜେବି କଲେଜ ପଡ଼ିଆଠାରେ ଖାଟୁ ଶ୍ୟାମବାବାଙ୍କ ଭବ୍ୟ ଭଜନ ସନ୍ଧ୍ୟା ଆୟୋଜିତ ହେବାକୁ ଯାଉଛି। ଏହି ଉତ୍ସବଟି ଅପରାହ୍ଣ ୩ଟାରୁ ୧୦ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶର ପ୍ରସିଦ୍ଧ କଳାକାରମାନେ ଯଥା ବାବା ହଂସରାଜ ରଘୁବଂଶୀ, ରାଜ ପାରିକ୍, ପୂଜା ନାଥାନି, କେଶବ କୌଶିକ, ନରେଶ ପୁନି ଏବଂ ରାଜେଶ ଗୋଏଲ ଭଜନ ପରିବେଷଣ କରିବେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ଥାନର ମହାରାଜ ମାନବେନ୍ଦ୍ର ଚୌହାନ ଉତ୍ସବରେ ଯୋଗ ଦେବେ। ଏହି ଉତ୍ସବକୁ ଆୟୋଜକ ନାଦାନ ପରିନ୍ଦେର ଦିଲ କି ବାତ୍ ସାଁୱରେ କେ ସାଥ୍ ତରଫରୁ ଅଭିଷେକ ଅଗ୍ରୱାଲ, ଦୀପକ ବାଜୋରିଆ ଏବଂ ସମସ୍ତ କର୍ମକର୍ତା ସହଯୋଗ କରୁଛନ୍ତି।

## 'ସାରସ୍ୱତ ସମାଜ'ର ସମାଜ ସେବା



ଭୁବନେଶ୍ୱର, ୧୩।୧୨(ସମିସ): ସାରସ୍ୱତ ସମାଜ ସାମାଜିକ ଅନୁଷ୍ଠାନର ଏକ ପ୍ରତିନିଧି ଦଳ ଡୁମୁଡୁମା ପ୍ରତିଭା ଆଶ୍ରମରେ ରହୁଥିବା ପିଲାମାନଙ୍କ ସହ ପ୍ରତିନିଧି ଦଳ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିସହିତ ସାରସ୍ୱତ ସାମାଜିକ ଅନୁଷ୍ଠାନ ପକ୍ଷରୁ ସମ୍ପାଦିକା ଶୁଭ୍ରା ନନ୍ଦଙ୍କ ନେତୃତ୍ୱରେ ଚୁଡ଼ା, ଚାଉଳ, ଡାଲି, କଦଳୀ ଏବଂ ଶୁଖିଲା ଖାଦ୍ୟ ବିତରଣ କରାଯାଇଥିଲା। ଉପସଭାପତି ଶୁଭଶ୍ରୀ ସିଂ, ମମତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସଙ୍ଗୀତା ଷଡ଼ଙ୍ଗୀ, ଅଭିଜିତ ନନ୍ଦ, ପ୍ରଫେସର ପ୍ରେମ କୁମାର ସିଂ, ଡିଜିଏମ୍ ପଦ୍ମ ଲୋଚନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରତିଷ୍ଠାତା ସରୋଜ ରଞ୍ଜନ ପଟ୍ଟନାୟକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୧୫ରେ ଏଆଇୟୁଟିୟୁସିର ସର୍ବଭାରତୀୟ ସମ୍ମିଳନୀ



ଭୁବନେଶ୍ୱର, ୧୩।୧୨(ସମିସ): ଆସନ୍ତା ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ ୟୁନିଅନ ସେଣ୍ଟର (ଏଆଇୟୁଟିୟୁସି)ର ୨୨ ତମ ସର୍ବଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମଳନୀର ସବିଶେଷ ଘୋଷଣା ନେଇ ସଂଗଠନ ପକ୍ଷରୁ ଶୁକ୍ରବାର ଏକ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସର୍ବଭାରତୀୟ ସମ୍ମିଳନୀରେ ଓଡ଼ିଶା ସମେତ ଦେଶର ୨୪ଟି ରାଜ୍ୟରୁ ପ୍ରାୟ ୨ହଜାର ପ୍ରତିନିଧି ଅଂଶ ଗ୍ରହଣ କରିବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ୧୫ ତାରିଖ ଅପରାହ୍ଣରେ ଲୋୟର ପିଏମ୍‌ଜି ଛକଠାରେ ସମ୍ମିଳନୀର ପ୍ରକାଶ୍ୟ ଅଧିବେଶନ ଅବସରରେ ବିଶାଳ ଜନସମାବେଶ ଅନୁଷ୍ଠିତ ହେବ। ଏହି ଜନ ସମାବେଶରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିନିଧିଙ୍କ ସମେତ ଓଡ଼ିଶାର ସମସ୍ତ ଜିଲ୍ଲାରୁ ପ୍ରାୟ ୨୦ହଜାର ସଂଗଠିତ ଓ ଅଣ ସଂଗଠିତ କ୍ଷେତ୍ରର ଶ୍ରମିକ କର୍ମଚାରୀ ଓ ସ୍କିମ୍ ଶ୍ରମିକମାନେ ଯୋଗ ଦେବେ। ସନ୍ଧ୍ୟାରେ ସାମନ୍ତରାପୁରସ୍ଥ ରୟାଲ ରିସର୍ଟ ପ୍ରାଙ୍ଗଣରେ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହେବ। ଏହି ଅଧିବେଶନରେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ୱାର୍ଲଡ ଫେଡେରେସନ୍ ଅଫ୍ ଟ୍ରେଡ୍ ୟୁନିଅନସ୍‌ର ଅଧ୍ୟକ୍ଷ ଓ ବିଭିନ୍ନ ଦେଶର ଟ୍ରେଡ୍ ୟୁନିଅନ ନେତୃମଣ୍ଡଳୀ ଏବଂ ୭ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନର ନେତୃମଣ୍ଡଳୀ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଆଜିର ସମ୍ମିଳନୀରେ ଏଆଇୟୁଟିୟୁସିର ସର୍ବଭାରତୀୟ ସଭାପତି କେ ରାଧାକ୍ରିଷ୍ଣନ୍, ସାଧାରଣ ସମ୍ପାଦକ ଶଙ୍କର ଦାସଗୁପ୍ତା, ଉପସଭାପତି ସ୍ୱପନ୍ ଘୋଷ ପ୍ରମୁଖ ଉପସ୍ଥିତ ରହିଥିଲେ।

## 'ଓସା'ର ପାଠାଗାର ସମ୍ମିଳନୀ ୧୫ରେ

ଭୁବନେଶ୍ୱର, ୧୩।୧୨(ସମିସ): ଆମେରିକାରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସଙ୍ଗଠନ 'ଓଡ଼ିଶା ସୋସାଇଟି ଅଫ୍ ଦ ଆମେରିକାସ୍' (ଓସା) ପକ୍ଷରୁ ଆସନ୍ତା ୧୫ ତାରିଖରେ ଭଞ୍ଜକଳା ମଣ୍ଡପରେ ଓଡ଼ିଶା ସର୍ବସାଧାରଣ ପାଠାଗାର ସମ୍ମିଳନୀ-୨୦୨୪ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ପ୍ରମୁଖ ବ୍ୟକ୍ତିତ୍ୱ, ବିଭିନ୍ନ ପାଠାଗାରର ପରିଚାଳକ, ଗଣମାଧ୍ୟମ ବ୍ୟକ୍ତିତ୍ୱ, ଲେଖକ, ଶିକ୍ଷାବିତ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ଯୋଗଦେବେ। ଓଡ଼ିଶାରେ ଅଗାମୀ ଦିନରେ ରାଜ୍ୟ ସରକାରଙ୍କ ନେତୃତ୍ୱରେ ଆଧୁନିକ ପାଠଗାର ଆନ୍ଦୋଳନ କିଭଳି ସମାଜର ସବୁ କ୍ଷେତ୍ରର ଲୋକଙ୍କୁ ସଶକ୍ତ କରିବାରେ ସହାୟକ ହୋଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯିବ। ଏକଦା ଜ୍ଞାନ ଆହରଣର ପ୍ରମୁଖ ମାଧ୍ୟମ ପାଲଟିଥିବା ପାଠାଗାର ଆଜିର ଡିଜିଟାଲ ଏବଂ ମୋବାଇଲ ଦୁନିଆ ସହ ତାଳ ଦେଇ ରୂପାନ୍ତରିତ ହୋଇପାରିନାହିଁ। ତେଣୁ ଆଧୁନିକ ପାଠାଗାରର ପରିଭାଷା ଏବଂ ଭିତ୍ତିଭୂମିକୁ ସମସାମୟିକ କରିବା ସହ ବିଶେଷକରି ଗ୍ରାମୀଣ କ୍ଷେତ୍ରରେ ଏହା କିପରି ଛାତ୍ରଛାତ୍ରୀ, ନିଯୁକ୍ତି ଆଶାୟୀ ଯୁବପିଢ଼ି, ମହିଳା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଉପଯୋଗୀ ହୋଇପାରିବ ସେ ଦିଗରେ ଏହି ସମ୍ମିଳନୀରେ ଆଲୋଚନା କରାଯିବ। ଏ ବିଷୟକୁ ଆଧାରକରି ଓଡ଼ିଶାର ପ୍ରତ୍ୟେକ ଗ୍ରାମପଞ୍ଚାୟତ ସ୍ତରରେ କିଭଳି ଅତ୍ୟାଧୁନିକ ସର୍ବସାଧାରଣ ପାଠାଗାର ପ୍ରତିଷ୍ଠା କରାଯାଇ ପାରିବ ଏହା ଉପରେ 'ଓସା'ର ଓଡ଼ିଶା ଲାଇବ୍ରେରି ନେଟ୍‌ୱର୍କ ପକ୍ଷରୁ ବ୍ୟାପକ ସଚେତନତା କରାଯାଉଛି। 'ଓଡ଼ିଶା ସର୍ବସାଧାରଣ ପାଠାଗାର ସମ୍ମିଳନୀ-୨୦୨୪' ଅବସରରେ ଏ ବିଷୟରେ ବ୍ୟାପକ ଆଲୋଚନା କରାଯିବ ବୋଲି 'ଓସା'ର ବରିଷ୍ଠ କର୍ମକର୍ତ୍ତା ନିଶିକାନ୍ତ ସାହୁ ଏବଂ ଅଜୟ ମହାନ୍ତି ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପଞ୍ଚାୟତସ୍ତରରେ ପାଠାଗାର ସ୍ଥାପନ ହୋଇପାରିଲେ ଭବିଷ୍ୟତର ପିଢ଼ିଙ୍କ ଭିତରେ ଅଭିନବ ଓ ସର୍ଜନାତ୍ମକ ପ୍ରତିଭା ବିକଶିତ ହୋଇପାରିବ। ଏହାସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ ବୋଲି ଓସା ପକ୍ଷରୁ କୁହାଯାଇଛି।




## 'ମାର୍ଗଶିରର ମହକ' ଉଦ୍‌ଯାପିତ



ଭୁବନେଶ୍ୱର, ୧୩।୧୨(ସମିସ): ଶିକ୍ଷା ଓ ଅନୁସନ୍ଧାନ(ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍) ସାମାଜିକ ଓ ସାଂସ୍କୃତିକ ଶାଖା 'କ୍ରିଏଟିଭୋ' ପକ୍ଷରୁ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବାସ୍ନା ସମ୍ବଳିତ ଅଭିନବ କାର୍ଯ୍ୟକ୍ରମ 'ମାର୍ଗଶୀରର ମହକ' ଉଦ୍‌ଯାପିତ ହୋଇଯାଇଛି।

ଏକ ସପ୍ତାହ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ଦାଶ, ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସୋଆ ପ୍ରାଣୀବିଜ୍ଞାନ ମହାବିଦ୍ୟାଳୟର ସହଯୋଗୀ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାଶ, ସୋଆ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରବୀର କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଶ୍ରୀମତୀ ଦାଶଙ୍କୁ 'ମାର୍ଗଶୀରର ମହକ ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୀତା ଦାଶଙ୍କ କଣ୍ଠ ନିସୃତ ଲକ୍ଷ୍ମୀପୁରାଣ ଓ ଜଗନ୍ନାଥ ଜଣାଣ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଅଧ୍ୟକ୍ଷତା କରିଥିବାବେଳେ କ୍ରିଏଟିଭୋର ଆବାହକ ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନା କରିଥିଲେ ଏବଂ ଡ. ନନ୍ଦିତା ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଆ ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ରାଜ୍ୟ ପୁସ୍ତକ ମହୋତ୍ସବର ଅଷ୍ଟମ ଦିବସ

# ବଢୁଛି ଆଧ୍ୟାତ୍ମିକ ପୁସ୍ତକର ଚାହିଦା

ଭୁବନେଶ୍ୱର, ୧୩।୧୨(ସମିସ): ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ 'ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୪' ଅଷ୍ଟମ ଦିନରେ ପହଞ୍ଚିଛି। ମେଳା ପରିସରରେ ପ୍ରତି ସନ୍ଧ୍ୟାରେ ଲେଖକ, ପ୍ରକାଶକ ଓ ପାଠକଙ୍କ ମହାସମାଗମ ହେଉଛି। ପୁସ୍ତକ କିଣାକିଣି ସାଙ୍ଗକୁ ପ୍ରତି ସନ୍ଧ୍ୟାରେ ପୁସ୍ତକମେଳା ମୁଖ୍ୟ ମଞ୍ଚରେ ଅନୁଷ୍ଠିତ ହେଉଛି ବିଭିନ୍ନ କାର୍ଯ୍ୟକ୍ରମ। ଯାହାକୁ ଦେଖିବାକୁ ସାହିତ୍ୟ ଓ ପୁସ୍ତକପ୍ରେମୀଙ୍କ ଭିଡ଼ ଜମୁଛି। ତେବେ ପାଠ୍ୟ ପୁସ୍ତକ ସମେତ ଉପନ୍ୟାସର



ବେଶ୍ ଚାହିଦା ରହିଥିବାବେଳେ ବିଭିନ୍ନ ଆଧ୍ୟାତ୍ମିକ ପୁସ୍ତକର ମଧ୍ୟ ଆଦର ବଢ଼ିଥିବା ଦେଖିବାକୁ ମିଳିଛି। ବ୍ୟସ୍ତବହୁଳ ଜୀବନ ମଧ୍ୟରୁ ଫୁର୍‌ସତ୍ ମିଳିବା ପରେ ଭଗବତ୍ ଚିନ୍ତନ ତଥା ଆଧ୍ୟାତ୍ମିକ ବିଚାରଧାରା ପାଇଁ କେବଳ ବୟସ୍କ ବ୍ୟକ୍ତି ନୁହଁନ୍ତି ବରଂ ସମସ୍ତ ବର୍ଗର ବ୍ୟକ୍ତି ଚିନ୍ତା କରୁଛନ୍ତି। ଯାହାର ଉଦାହରଣ ଦେଖିବାକୁ ମିଳିଛି ପୁସ୍ତକ ମେଳା ପରିସରରେ। ଯୁବଗୋଷ୍ଠୀଙ୍କଠାରୁ ଆରମ୍ଭ କରି ବୟସ୍କ ବିଭିନ୍ନ ଷ୍ଟଲରୁ ପୌରାଣିକ ବହି କିଣୁଛନ୍ତି। ପୁସ୍ତକମେଳାରେ ରହିଥିବା ବିଭିନ୍ନ ଆଧ୍ୟାତ୍ମିକ ପୁସ୍ତକ ଷ୍ଟଲରେ ଭିଡ଼ ଜମୁଛି। ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ପୁସ୍ତକ ହେଉ ଅବା ଗାୟତ୍ରୀ ଉପସାନା, ବେଦ ଉପନିଷଦ୍‌କୁ ନେଇ ପୁସ୍ତକମାନ ଅଧିକ ବିକ୍ରି ହେଉଛି। ମନୁଷ୍ୟ ବର୍ତ୍ତମାନ ସାମାଜିକ ଜୀବନରେ ଅତିଷ୍ଠ ହୋଇପଡୁଛି। ଏଥିପାଇଁ ଆଧ୍ୟାତ୍ମିକ ବିଚାରଧାରାକୁ ଆପଣାଇବାକୁ ଚେଷ୍ଟା କରୁଛନ୍ତି। କାର୍ତ୍ତିକ ବିଶେଷାଙ୍କ, ରଥଯାତ୍ରା ବିଶେଷାଙ୍କ, ପୁରୁଷୋତ୍ତମ ମହାତ୍ମ୍ୟ(ସ୍କନ୍ଦ ପୁରାଣ), ସମ୍ପୂର୍ଣ୍ଣ ଗୀତ ଗୋବିନ୍ଦ, ଶ୍ରୀଜଗନ୍ନାଥଙ୍କ ବେଶ ରହସ୍ୟ, ଛପନ ଭୋଗ୍ୟ ରହସ୍ୟ, ମହାପ୍ରସାଦର ତାତ୍ତ୍ୱିକ ଆଦି ପୁସ୍ତକ ଅଧିକ ବିକ୍ରି ହେଉଛି। ସାଧାରଣରେ ମହାପ୍ରଭୁଙ୍କ ସମ୍ପର୍କରେ କିଛି ଜଣା ଅଜଣା କଥା ଅବଗତ ହେବା ପାଇଁ ଏହି ଷ୍ଟଲରେ ଭିଡ଼ ଜମୁଛି। ସେହିପରି ଗାୟତ୍ରୀ ଆରାଧନା, ଆନନ୍ଦ ଗାୟତ୍ରୀ କଥା, ଗାୟିତ୍ରୀ ଗୁପ୍ତ ଶକ୍ତି, ଭକ୍ତ ଓ ଭଗବାନ, ଅମୃତ ବାଣୀ, କର୍ମକାଣ୍ଡ ଭାସ୍କର, ଉପାସନା ସମର୍ପଣ ଯୋଗ, ଗାୟତ୍ରୀ ମନ୍ତ୍ର ସାଙ୍ଗକୁ ବେଦ ଉପନିଷଦ୍, ଗୀତା, ଭାଗବତ, ସ୍କନ୍ଦ ପୁରାଣ ଆଦିକୁ ଗ୍ରାହକମାନେ ଅଧିକ କିଣୁଥିବା ବେଳେ ସକାରାତ୍ମକ ଭାବନା ପାଇଁ ରହିଥିବା ଅନେକ ଆଧ୍ୟାତ୍ମିକ ପୁସ୍ତକ ବିକ୍ରି ହେଉଛି। ଗାୟତ୍ରୀ ପରିବାର ପକ୍ଷରୁ ଖୋଲାଯାଇଥିବା ପକ୍ଷରୁ ବିଷ୍ଣୁ ପ୍ରସାଦ ତ୍ରିପାଠୀ କହିଛନ୍ତି ଯେ, ଆମେ ସମସ୍ତେ ଭାରତୀୟ ସଂସ୍କୃତିକୁ ପ୍ରାଧାନ୍ୟ ଦେଇଥାନ୍ତି। ତେଣୁ ମଣିଷ ଭିତରେ ଦେବତ୍ୱର ଜାଗରଣ ପାଇଁ ଯାହା ଆବଶ୍ୟକ ତାହା ଆମେ ପୁସ୍ତକ ମଧ୍ୟରୁ ପାଇଥାଉ। ଅନେକ ନିଜ ଭିତରେ ଆଧ୍ୟାତ୍ମିକ ଭାବନା ଓ ଶାନ୍ତିମୟ ଜୀବନ ବିତାଇବା ପାଇଁ ପୁସ୍ତକକୁ ପାଠକ ମାଧ୍ୟମ କରିଛନ୍ତି ବୋଲି କହିଛନ୍ତି। ଏହି ଷ୍ଟଲରେ ପ୍ରାୟ ୩୩୦୦ ବିଭିନ୍ନ ଆଧ୍ୟାତ୍ମିକ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ପୁସ୍ତକ ରହିଛି।

## 'ଆଦିପୁରୁଷ' ଓ 'ହୃଦ୍ କପାଟ'ର ପାଠକାର୍ପଣ

୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ପରିସରରେ ତୀରତରଙ୍ଗ ପ୍ରକାଶନ ଦ୍ୱାରା ପ୍ରକାଶିତ ମନୋଜ କୁମାର ମହାପାତ୍ରଙ୍କ ସପ୍ତମ ଉପନ୍ୟାସ 'ଆଦିପୁରୁଷ' ଓ ଡ. ଇନ୍ଦିରା ଦତ୍ତଙ୍କ ଗଳ୍ପ ସଂକଳନ 'ହୃଦ-କପାଟ'ର ପାଠକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ କହିଥିଲେ ଯେ, 'ଆଦିପୁରୁଷ' ଉପନ୍ୟାସ ଓଡ଼ିଶାର ପାରମ୍ପରିକ ରୀତି, ନୀତି, ଦୈନନ୍ଦିନ ଜୀବନରେ ବ୍ୟବହାର୍ଯ୍ୟ ବସ୍ତୁବିଶେଷ ଓ ଚରିତ୍ରମାନଙ୍କର ପ୍ରକୃତି ଚାରିତ୍ରିକ ଅବତାରଣା ତଥା ଗ୍ରାମ୍ୟ ଜୀବନର ଆଭାସ ଉପନ୍ୟାସଟିକୁ ଆତ୍ମୀୟତା ଓ ଆନ୍ତରିକତାର ଭାବାବେଗରେ ପରିପୂର୍ଣ୍ଣ କରିଛି।



'ହୃଦ୍-କପାଟ'ର ଗାଳ୍ପିକା ଡ. ଇନ୍ଦିରା ଦତ୍ତଙ୍କର ଗଳ୍ପ ଯଥେଷ୍ଟ ପ୍ରଭାବଶାଳୀ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଦେବ ପ୍ରସାଦ ଦାଶ, ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି, ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ, ପଦାର୍ଥ ବିଜ୍ଞାନୀ ଡ. ଜ୍ଞାନଦେବ ମହାରଣା ପ୍ରମୁଖ ଯୋଗଦେଇ ପୁସ୍ତକଦ୍ୱୟକୁ ପ୍ରଶଂସା କରିଥିଲେ। ସେହିପରି 'ଆଦିପୁରୁଷ' ଉପନ୍ୟାସର ଅନ୍ତିମ ଭାଗରେ ଖୁବ୍ ଉଚ୍ଚକୋଟୀର ଦର୍ଶନ ଓ ତତ୍ତ୍ୱର ବିଚାର ରହିଛି ବୋଲି କହିବା ସହ ଏହା ପାଠକଙ୍କୁ ଆକର୍ଷିତ କରିବ ବୋଲି କହିଛନ୍ତି। ମନୋଜ କୁମାର ମହାପାତ୍ର ନିଜ ରଚିତ ଉପନ୍ୟାସ 'ଆଦିପୁରୁଷ'ର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ, ପ୍ରାୟ ଦୀର୍ଘ ଶହେପଚାଶ ବର୍ଷର କାଳଖଣ୍ଡର ଏକ ନିର୍ଦ୍ଦିଷ୍ଟ ବଂଶାବଳୀକୁ ନେଇ ଆଦିପୁରୁଷ ରଚିତ। ଉଭୟ ପୁସ୍ତକର ଲେଖକ ଲେଖିକାଙ୍କ ସାରସ୍ୱତ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମମିତା ମିଶ୍ର ସଂଯୋଜନା କରିଥିବାବେଳେ ପ୍ରକାଶିକା ବନ୍ଦନା ମିଶ୍ର ୨ଟି ପୁସ୍ତକର ପ୍ରକାଶନ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ବିଘ୍ନେଶ୍ୱର ସାହୁ ସଂଯୋଜନା କରିଥିଲେ।

## 'ଅପୂର୍ବା'ର ପୁସ୍ତକମେଳା ସାରସ୍ୱତ ସନ୍ଧ୍ୟା



ଭୁବନେଶ୍ୱର, ୧୩।୧୨(ସମିସ): ସାତକଡ଼ି ହୋତା ମୁଖ୍ୟ ମଞ୍ଚରେ ଅପୂର୍ବା ପ୍ରକାଶନୀ ପକ୍ଷରୁ ପୁସ୍ତକମେଳା ସାରସ୍ୱତ ସନ୍ଧ୍ୟା, ପୁସ୍ତକ ଲୋକାର୍ପଣ ତଥା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପୂର୍ବାର ଅଧ୍ୟକ୍ଷ କଥାକାର କ୍ଷୀରୋଦ ଚନ୍ଦ୍ର ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟ, ଗାଳ୍ପିକ ନାରୁ ମହାନ୍ତି, ଲେଖକ ଓ ଚିନ୍ତକ ଅଧ୍ୟାପକ ବିଶ୍ୱରଞ୍ଜନ, କବି ଡ. ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ସାହିତ୍ୟ ହେଉଛି ଜନସାଧାରଣଙ୍କ ସ୍ୱର। ସାହିତ୍ୟକୁ ଜନମାନସରେ ପରିଚିତ କରାଇବାର ମୁଖ୍ୟ ଦାୟିତ୍ୱ ଓ ସାହିତ୍ୟରେ ସମୟର ସ୍ୱର ଶୁଣାଯାଏ ବୋଲି କହିଥିଲେ। ଏହି ଅବସରରେ ଅପୂର୍ବା ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଗୁଡ଼ିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ 'ପୁସ୍ତକମେଳା ସାରସ୍ୱତ ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। କବି ଡ. ଗୀତାଶ୍ରୀ ପ୍ରିୟମ୍ବଦା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କବି ଦୟାନିଧି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

